ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୧୯୫
୨୨ ନଭେମ୍ବର, ୨୦୨୫ ଶନିବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 195
22nd November, 2025 Saturday
Kendrapara

ODISHA EXPRESS SIGHTS TRUTH WRITES TRUTH ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଧନଞ୍ଜୟେ ହାଟକସଂପରୀକ୍ଷା ମହାରଣେ ଶସ୍ତ୍ରଭୃତାଂ ପରୀକ୍ଷା
ବିପତ୍ତିକାଳେ ଗୃହିଣୀ ପରୀକ୍ଷା ବିଦ୍ୟାବତାଂ ଭାଗବତେ ପରୀକ୍ଷା**

ଅଗ୍ନିରେ ସୁବର୍ଣ୍ଣର, ଯୁଦ୍ଧରେ ଶସ୍ତ୍ରଧାରୀମାନଙ୍କର, ବିପତ୍ତି ସମୟରେ ଗୃହିଣୀର ଓ ଭାଗବତରେ ବିଦ୍ୱାନ୍‌ମାନଙ୍କର ପରୀକ୍ଷା ହୁଏ ।

### ୧୨ ପ୍ରସ୍ତାବରେ ରାଜ୍ୟ କ୍ୟାବିନେଟ୍‌ର ମୋହର

# ଛାତ୍ରବୃତ୍ତି ବୃଦ୍ଧି ସହ ଓୟୁଏସଏସସି ଗଠନକୁ ମଞ୍ଜୁରୀ

**ଭୁବନେଶ୍ୱର,୨୧।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୁଲିସ ଓ ଅନ୍ୟାନ୍ୟ ୟୁନିଫର୍ମ ସେବା ପାଇଁ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଅଭିଯୋଗ ଆସିବା ପରେ ରାଜ୍ୟ ସରକାର 'ଓଡିଶା ୟୁନିଫର୍ମଡ୍ ସର୍ଭିସ ଷ୍ଟାଫ ସିଲେକ୍ସନ କମିଶନ' ବା ଓଡିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ (ଓୟୁଏସଏସସି) ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ଆୟୋଗ ଗଠନ ସମ୍ପର୍କରେ ଗତ ଅକ୍ଟୋବର ୨୨ତାରିଖରେ ସୂଚନା ଦେଇଥିଲେ। ଆଜି ରାଜ୍ୟ କ୍ୟାବିନେଟ୍ ଏହି ଆୟୋଗ ଗଠନକୁ ମଞ୍ଜୁରୀ ଦେଇଛନ୍ତି । ଏସସି ଏସଟି ପିଲାମାନଙ୍କ ଛାତ୍ରବୃତ୍ତି ବୃଦ୍ଧି, ଶିକ୍ଷାୟନକୁ ପ୍ରୋତ୍ସାହନ ଓ ଖଣିଜ ସଂପଦର ସୁରକ୍ଷା ସମେତ ୯ଟି ବିଭାଗର ମୋଟ ୧୨ଟି ପ୍ରସ୍ତାବକୁ ମଧ୍ୟ ଆଜି ରାଜ୍ୟ କ୍ୟାବିନେଟର ଅନୁମୋଦନ ମିଳିଛି।

- ଓଡ଼ିଶା ଜିସିସି ନୀତି-୨୦୨୫ ଅନୁମୋଦିତ
- ଖଣିଜ ପଦାର୍ଥ ଚୋରା ଚାଲାଣ ରୋକିବାକୁ କଠୋର ଆଇନ
- ଜଳ ସଂଶୋଧନ ଆଇନ ୨୦୨୪ ପ୍ରସ୍ତାବକୁ ଅନୁମୋଦନ



ରାଜ୍ୟରେ ପୁଲିସ୍ ଓ ଅନ୍ୟାନ୍ୟ ୟୁନିଫର୍ମ ସେବାରେ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତତା ଓ ବିଳମ୍ବକୁ ଦୃଷ୍ଟିରେ ରଖି ଓଡିଶା ସ୍ୱତନ୍ତ୍ର ସେବା କର୍ମଚାରୀ ଚୟନ ଆୟୋଗ ଗଠନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ୟୁନିଫର୍ମ ସେବାରେ ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସୁବ୍ୟବସ୍ଥିତ କରିବା ପାଇଁ ଗଠନକୁ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଗୃହ ବିଭାଗ ସମେତ ଅବକାରୀ, ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଅଧିନରେ ଥିବା ବିଭିନ୍ନ ପଦବୀ ପାଇଁ ଏକକ ନିଯୁକ୍ତି ପ୍ରକ୍ରିୟାକୁ ଏହି ଆୟୋଗ ହିଁ ପରିଚାଳନା କରବେ। ଏହାଦ୍ୱାରା ନିଯୁକ୍ତି ପ୍ରକ୍ରିୟା ସ୍ୱଚ୍ଛ, ଦକ୍ଷ ଏବଂ ସମୟାନୁବର୍ତ୍ତୀ ହୋଇପାରିବ ବୋଲି ସରକାର ଆଶା ରଖିଛନ୍ତି।

ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଅଧୀନରେ ଅନୁସୂଚିତ ଜନଜାତି (ଏସଟି) ଓ ଅନୁସୂଚିତ ଜାତି (ଏସସି) ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରାକ୍-ମାଟ୍ରିକ ଏବଂ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ହାରରେ ବୃଦ୍ଧି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ବଜାର ଦର ବୃଦ୍ଧିକୁ ଦୃଷ୍ଟିରେ ରଖି ଛାତ୍ରାବାସରେ ରହୁଥିବା ଛାତ୍ରମାନଙ୍କ ପାଇଁ ବାର୍ଷିକ ବୃତ୍ତି ୧୦,୫୦୦ ଟଙ୍କାରୁ ୧୬ହଜାର ଟଙ୍କାକୁ ଏବଂ ଛାତ୍ରୀମାନଙ୍କ ପାଇଁ ୧୧ହଜାରରୁ ୧୭ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି 'ଅନ୍ୱେଷା' ଛାତ୍ରାବାସରେ ରହୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ମଧ୍ୟ ଏହି ବୃତ୍ତି ବାର୍ଷିକ ୧୧ହଜାର ଟଙ୍କାରୁ ୧୭ହଜାର ଟଙ୍କାକୁ ବୃଦ୍ଧି ପାଇଁ ନିଷ୍ପତ୍ତି ହୋଇଛି। ଏହି ନୂଆ ବର୍ଦ୍ଧିତ ବୃତ୍ତି ୨୦୨୫ ଡିସେମ୍ବର ପହିଲାରୁ ଲାଗୁ କରିବାକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି।

ରାଜ୍ୟକୁ ବିଶ୍ୱସ୍ତରୀୟ ବ୍ୟବସାୟିକ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ କ୍ୟାବିନେଟ୍ 'ଓଡିଶା ଗ୍ଲୋବାଲ କ୍ୟାପାବିଲିଟି ସେଂଟର (ଜିସିସି) ନୀତି ୨୦୨୫'କୁ ଅନୁମୋଦନ କରିଛନ୍ତି। ବଡବଡ ବହୁରାଷ୍ଟ୍ରୀୟ କଂପାନୀମାନଙ୍କୁ ଓଡିଶାରେ ସେମାନଙ୍କର କାର୍ଯ୍ୟାଳୟ ଖୋଲିବାକୁ ଆକୃଷ୍ଟ କରିବା ଏହି ନୀତିର ମୁଖ୍ୟ ଲକ୍ଷ୍ୟ। ବିକଶିତ ଓଡିଶା-୨୦୩୬ ଓ ୨୦୪୭ର ରୋଡମ୍ୟାପକୁ ଦୃଷ୍ଟିରେ ରଖି ଏହି ନୀତି ମାଧ୍ୟମରେ ରାଜ୍ୟରେ ୫୦ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଏୟାର ଶୋ'ରେ ଜଳିଗଲା ତେଜସ୍: ପାଇଲଟ୍ ମୃତ

**ନୂଆଦିଲ୍ଲୀ,୨୧।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ଦୁବାଇ ଏୟାର ଶୋ'ରେ ଏକ ବଡ଼ ଅଘଟଣ ଘଟିଛି। ସେଠାରେ ଚାଲିଥିବା ପ୍ରଦର୍ଶନୀ ସମୟରେ ଏକ ଭାରତୀୟ ତେଜସ୍ ଯୁଦ୍ଧ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଯାଇଛି। ଏହି ଦୁର୍ଘଟଣାରେ ପାଇଲଟ ମୃତ୍ୟୁବରଣ କରିଛନ୍ତି।



ଏହି ଦୁର୍ଘଟଣାର ଭାଇରାଲ ହୋଇଥିବା ଭିଡିଓରେ ଦେଖାଯାଉଛି ଯେ ତେଜସ୍ ଜେଟ୍ ଆକାଶରେ ବିମାନ ଖେଳୁଛି ଏବଂ ହଠାତ୍ ତଳକୁ ଖସିପଡୁଛି ଓ ଏକ ବଡ଼ ବିସ୍ଫୋରଣ ହେଉଛି। ଏହାକୁ ଦେଖି ଦର୍ଶକମାନେ ସ୍ତବ୍ଧ ହୋଇଯାଇଥିଲେ। ଚିନ୍ତାଜନକ କଥା ହେଉଛି ପାଇଲଟ ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ସ୍ଥାନୀୟ ସମୟ ଅନୁସାରେ ଅପରାହ୍ନ ୨:୧୦ ମିନିଟରେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଅକ୍ଷୟ ତୃତୀୟା ପୂର୍ବରୁ ଗଣତି ମଣତି

**ପୁରୀ,୨୧।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ମହାପ୍ରଭୁଙ୍କ ନୀତି କମ୍ ଥିବା ସମୟରେ ରତ୍ନଭଣ୍ଡାରର ଅଳଙ୍କାର ଗଣତି ମଣତି ହେବ। ଗଣତି ମଣତି ପୂର୍ବରୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ପ୍ରତ୍ୟେକ ରତ୍ନର ଟିକିନିକ୍ ହିସାବ ସହ ଡିଜିଟାଇଜେସନ ହେବ। କିନ୍ତୁ କେବେ ହେବ ତାହା ନିଷ୍ପତ୍ତି ହୋଇ ନାହିଁ। ବରଂ ଅକ୍ଷୟ ତୃତୀୟା ପୂର୍ବରୁ ସାରିବା ପାଇଁ ପରିଚାଳନା କମିଟି ସଦସ୍ୟ ପ୍ରସ୍ତାବ ଦେଇଛନ୍ତି। ମହାପ୍ରଭୁଙ୍କ ସୁନାବେଶ ପାଇଁ ଆବଶ୍ୟକ ହେଉଥିବା ଅଳଙ୍କାରର ଆଉ ଗୋଟିଏ ସେଟ୍ ପ୍ରସ୍ତୁତ କରାଯିବ। ଗଜପତି ଦିବ୍ୟ ସିଂହଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବସିଥିବା ପରିଚାଳନା କମିଟି ବୈଠକରେ ଆଜି ଏଭଳି ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଅର୍ଥ ସବ୍ କମିଟି ପ୍ରସ୍ତୁତ କରିଥିବା ୧୦୪ କୋଟିର ବଳକା ବଜେଟ୍‌କୁ ମଧ୍ୟ ଆଜି ପରିଚାଳନା କମିଟି ମୋହର ମାରିଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି।

ଶ୍ରୀମନ୍ଦିର ସେବାୟତ ଗୁରୁକୁଳ ପ୍ରତିଷ୍ଠା ପାଇଁ ଘରୋଇ ସଂସ୍ଥା ସହ ହୋଇଥିବା ବୁଝାମଣା ବାତିଲ୍ ହେବ। ଜମିରୁ ଜବରଦଖଲ ଉଚ୍ଛେଦ ହେବା ସହ ଖୁବ୍‌ଶୀଘ୍ର ପାଚେରି ହେବ। ସେବାୟତ ପେନସନ ରାଶି ବୃଦ୍ଧି କରାଯାଇଛି। ସେବକ ଭତ୍ତା ୪ ହଜାରରୁ ୫ ହଜାର କରାଯାଇଥିବା ବେଳେ ବିବାହ ପାଇଁ କନ୍ୟାମାନଙ୍କୁ ଦିଆଯାଉଥିବା ରାଶି ୫୦ ହଜାରରୁ ୧ ଲକ୍ଷ କରାଯାଇଛି। ବ୍ରତ ପାଇଁ ଦିଆଯାଉଥିବା ୩୦ ହଜାରକୁ ବୃଦ୍ଧି କରାଯାଇ ୪୦ ହଜାର କରାଯାଇଛି।

ଇସ୍କନ୍‌ର ଅଦିନିଆ ରଥଯାତ୍ରାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ପୁରୀରେ ହେଉଥିବା ସ୍ନାନ ପୂର୍ଣ୍ଣିମା ଦିନ ହିଁ ଇସ୍କନ୍ ସ୍ନାନ ପୂର୍ଣ୍ଣିମା କରିବାକୁ ଲିଖିତ ଭାବେ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଭିତରକନିକାରେ ଭିଡ଼ ଜମାଇଲେଣି ବିଦେଶୀ ପକ୍ଷୀ

**ରାଜନଗର,୨୧।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଶୀତ ଋତୁର ଆଗମନରେ ଭିତରକନିକା ଜାତୀୟ ଉଦ୍ୟାନରେ ବିଦେଶୀ ପକ୍ଷୀ ଭିଡ ଜମାଇଲେଣି । ରଙ୍ଗ ବେରଙ୍ଗର ହଜାର ହଜାର ସଂଖ୍ୟାରେ ବିଭିନ୍ନ ପ୍ରଜାତିର ବିଦେଶୀ ପକ୍ଷୀ ଉପସ୍ଥିତି ଜାତୀୟ ଉଦ୍ୟାନର ଆଭ୍ୟନ୍ତର ଅଂଚଳ ସହ ଗହୀରମଥା ଓ ବିଭିନ୍ନ ଜଳାଶୟ, ପାଣି ଜମିରହୁଥିବା ସ୍ଥାନମାନଙ୍କରେ ଦେଖିବାକୁ ମିଳିଲାଣି । ବିଶେଷକରି ପୁରୁଣା ସାତଭାୟାରେ ବହୁ ସଂଖ୍ୟାରେ ବିଦେଶୀ ପକ୍ଷୀଙ୍କ ସମାଗମ ଦେଖିବାକୁ ମିଳିଛି । ଏପରିକି ଘଡିଆମାଳ ଗାଁ ନିକଟରେ ବହି ଯାଇଥିବା ପାଙ୍ଗଶାଳା ନଦୀର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଦୁବହଂସ ଦେଖିବାକୁ ମିଳୁଛନ୍ତି । ଅଧିକ ଶୀତ ଓ ଖାଦ୍ୟାଭାବରୁ ନିଜକୁ ରକ୍ଷା କରିବା ପାଇଁ ପକ୍ଷୀମାନେ ଦେଶାନ୍ତର ହୋଇଥାନ୍ତି । ହଜାର ହଜାର କିଲୋମିଟର ପଥ ଅତିକ୍ରମ କରି ଭାରତକୁ ଆସିଥାନ୍ତି । ଶୀତଋତୁର ଆରମ୍ଭରେ ଏହି ପକ୍ଷୀମାନେ ଆସିବା ସହିତ ଗ୍ରୀଷ୍ମଋତୁର ଆରମ୍ଭରେ ଫେରି ଯାଇଥାନ୍ତି । ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ପକ୍ଷୀମାନଙ୍କର ଭୂସ୍ୱର୍ଗ ଭାବେ ପରିଚିତ । ଜାତୀୟ ଉଦ୍ୟାନର ମଠଆଡିଆ, ସାତଭାୟା, ଗହୀରମଥା, *(ଶେଷ ପୃଷ୍ଠା ଦେଖନ୍ତୁ)*

# ଲାଗୁ ହେଲା 'ଲେବର କୋଡ': ଲାଭବାନ ହେବେ ୪୦ କୋଟି

**ନୂଆଦିଲ୍ଲୀ,୨୧।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତରେ ଦୀର୍ଘ ସମୟରୁ ଅପେକ୍ଷା କରାଯାଉଥିବା ଶ୍ରମ ସଂଶୋଧନ (ଲେବର ରିଫର୍ମ) ଆଇନ ଲେବର କୋଡ ଦେଶରେ ୨୧ ନଭେମ୍ବର ଶୁକ୍ରବାର ଲାଗୁ ହୋଇଯାଇଛି। ସବୁ ସେକ୍ଟରରେ ଶ୍ରମିକ କଲ୍ୟାଣ ମଜଭୁତ କରିବା ଉଦ୍ଦେଶ୍ୟରେ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ସମସ୍ତ ୪ ନୂଆ ଲେବର କୋଡ ଅଧିକାରୀକ ନୋଟିଫାଇ କରିବା ସହ ଲାଗୁ କରିଛନ୍ତି। ନୂଆ ଲେବର କୋଡରେ ଅନେକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରାଯାଇଛି, ଯେଉଁଥିରେ ଗିଗ୍ ଓ



ପ୍ଲାଟଫର୍ମ ୱାର୍କର, ମହିଳା କର୍ମଚାରୀ ଓ ଏମଏସଏମଇ ସେକ୍ଟରରେ କାମ କରୁଥିବା ଶ୍ରମିକଙ୍କୁ ଲାଭ ମିଳିବ।

ପ୍ରଥମଥର ଲେବର କୋଡରେ ଔପଚାରିକ ଭାବେ ଗିଗ୍ ୱାର୍କ, ପ୍ଲାଟଫର୍ମ ୱାର୍କ ଓ ଏଗ୍ରିଗେଟରକୁ ଡିଫାଇନ କରିଛି। ଏଣୁ ଡିଜିଟାଲ ପ୍ଲାଟଫର୍ମ ସହ କାମ କରୁଥିବା ଲକ୍ଷଲକ୍ଷ ଲୋକଙ୍କୁ ଆଇନଗତ କ୍ଲାରିଟି ମିଳିଛି। ଏଗ୍ରିଗେଟର କମ୍ପାନୀଙ୍କୁ ଏବେ ସେମାନଙ୍କ ବାର୍ଷିକ ଟର୍ଣ୍ଣ ଓଭରର ୧-୨% ଏକ ଡେଡିକେଟେଡ ୱେଲଫେୟାର ଫଣ୍ଡରେ କଣ୍ଟ୍ରିବ୍ୟୁଟ କରିବାକୁ ପଡିବ, ଯାହାର ସୀମା ୱର୍କରଙ୍କୁ କରାଯାଉଥିବା ମୋଟ ପୈଠର ୫% ପର୍ଯ୍ୟନ୍ତ ରହିବ। ଏହି ଫଣ୍ଡ ସୋସିଆଲ ସିକ୍ୟୁରିଟି ବେନିଫିଟକୁ ସପୋର୍ଟ କରିବ।

ଏ ନେଇ ଶ୍ରମ ଓ ରୋଜଗାର ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏକ୍ସରେ ଏକ ପୋଷ୍ଟ କରିଛନ୍ତି। ଏଥିରେ ସେ ଲେଖିଛନ୍ତି ଯେ 'ଆଜି ଦେଶରେ ନୂଆ ଲେବର କୋଡ ଲାଗୁ ହୋଇଯାଇଛି। ଏହି ସଂଶୋଧନ କେବଳ ଏକ ସାଧାରଣ ପରିବର୍ତ୍ତନ ନୁହେଁ ବରଂ ଦେଶର ୱାର୍କଫୋର୍ସର କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ବଡ଼ ପଦକ୍ଷେପ'। ଏହି ନୂଆ ଲେବର କୋଡ ଅନୁସାରେ ଡେଲିଭରୀ ଓ ମୋବିଲିଟି ୱାର୍କର୍ସଙ୍କୁ ଘର ଓ କାର୍ଯ୍ୟସ୍ଥଳ ମଧ୍ୟରେ ଯାତ୍ରା କରୁଥିବା *(ଶେଷ ପୃଷ୍ଠା ଦେଖନ୍ତୁ)*

# ପ୍ରଶାସନର ଜବର ଦଖଲ ଉଚ୍ଛେଦ

**ମାର୍ଶାଘାଇ,୨୧।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ଥାନା ମହାକାଳପଡା ବ୍ଲକ ଗଡରୋମିତ ଠାରେ ଆଜି ରାଜସ୍ୱ ବିଭାଗ ଦ୍ୱାରା ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ କରାଯାଇଛି। କୋର୍ଟ ଆଦେଶ ବଳରେ ମହାକାଳପଡା ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର, ସୁପରଭାଇଜର ନଳିନୀ ପୃଷ୍ଟି, ଯଦୁପୁର ରାଜସ୍ୱ ନିରୀକ୍ଷକ ରଘୁନାଥ ହାଂସଦା, ଅତିରିକ୍ତ ରାଜସ୍ୱ ନୀରିକ୍ଷକ ଜନ୍ମେଜୟ ବିଶ୍ୱାଳ, ଅମିନ ଅଶୋକ ବେହେରା ଓ ପ୍ରଫୁଲ୍ଲ କୁମାର ବେହେରା ପ୍ରମୁଖ ଗଡରୋମିତ ଗ୍ରାମରେ ୧୯ ପରିବାର ଦ୍ୱାରା ସରକାରୀ ଜମିରେ ଜବରଦଖଲ କରି ଗଢ଼ିଉଠିଥିବା କୋଠାଘର, ଆଜବେଷ୍ଟସ ଘର ଓ ଚାଳଘର ଆଦି ଉଚ୍ଛେଦ କରାଯିବାକୁ ୩ଟି ବୁଲଡୋଜର ଓ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ସହ ପହଞ୍ଚିଥିଲେ। ଆଜି ସଂଧ୍ୟା ପୂର୍ବରୁ ୬ଟି ପରିବାରର ବାସଗୃହ ଓ ଗୁହାଳ ଘର ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି। ଘଟଣାସ୍ଥଳରେ ପ୍ରଶାସନ ପକ୍ଷରୁ ମେଡିକାଲ ଟିମ୍ ଉପସ୍ଥିତ ଥିବା ବେଳେ ମହାକାଳପଡା ଥାନାଧିକାରୀ ଇନ୍ସପେକ୍ଟର ରାଜେନ୍ଦ୍ର ମହାପାତ୍ର, ମାର୍ଶାଘାଇ ଥାନା ଅଧିକାରୀ ଇନ୍ସପେକ୍ଟର ତପନ କୁମାର ନାୟକ, ଇନ୍ସପେକ୍ଟର ନାରାୟଣ ସାହୁ, ସବ ଇନ୍ସପେକ୍ଟର ଧରିତ୍ରୀ ଜେନା ପ୍ରମୁଖ ଘଟଣାସ୍ଥଳରେ ଉପସ୍ଥିତ ରହି ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଥିଲେ। ସୂଚନା ଅନୁସାରେ ୧୯ଜଣ ବ୍ୟକ୍ତି ଉକ୍ତ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଦେଢବର୍ଷରେ ସେପରି କୌଣସି ସମ୍ଭବନା ସୃଷ୍ଟି ହୋଇନି

**କେନ୍ଦ୍ରାପଡ଼ା,୨୧।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ଲମ୍ବା ସମୟ ଧରି ଥିବା ବିଜେଡ଼ି ଶାସନର ଅନ୍ତ ଘଟିଛି । ଦେଢ ବର୍ଷ ହେବ ବିଜେପିର ଡ଼ବଲ ଇଂଜିନ୍ ଶାସନ ଚାଲିଛି । ଅମଲାରାଜ ପରିବର୍ତ୍ତେ ଲୋକପ୍ରତିନିଧିଙ୍କର ଗୁରୁତ୍ୱ ବଢିଛି । ଏହି ବିଜେପି ସରକାରକୁ ଖୋଦ୍ ମୁଖ୍ୟମନ୍ତ୍ରୀ ଲୋକଙ୍କର ସରକାର ବୋଲି ଅବିହିତ କରିଛନ୍ତି । ହେଲେ କେନ୍ଦ୍ରାପଡ଼ା ଭଳି ଏକ ବେରୋଜଗାରୀ ଓ ଆର୍ଥୀକ ଅନଗ୍ରସର ଜିଲ୍ଲା ଗତ ବିଜେଡ଼ି ଶାସନରେ ଯେଭଳି ଅବହେଳିତ ହୋଇ ରହିଥିଲା ସେମିତି ରହିଛି । ଦେଢ ବର୍ଷ ମଧ୍ୟରେ ସେପରି କୌଣସି ସମ୍ଭାବନା ସୃଷ୍ଟି ହୋଇପାରିନାହିଁ । ଜିଲ୍ଲାରେ ଥିବା ମାନବ ସମ୍ବଳର ବିକାଶ ଓ ଉପଯୋଗ ନିମନ୍ତେ କୌଣସି ସୁଯୋଗ ସୃଷ୍ଟି ହୋଇ ପାରିନାହିଁ । ମେଗା ଇସ୍ପାତ କାରଖାନା ଓ ଆଖଡ଼ାଶାଳୀ ବନ୍ଦର ସ୍ୱପ୍ନ ହୋଇ ରହିଛି । ଜିଲ୍ଲାର କୃଷି କ୍ଷେତ୍ର ପୂର୍ବପରି ଅବହେଳିତ ହୋଇ ରହିଛି । କୌଳିକ ବୃତ୍ତି ବୁଡ଼ିବାକୁ ବସିଛି । ଶିଳ୍ପ, ବାଣିଜ୍ୟ, ପର୍ଯ୍ୟଟନ ଆଦି କ୍ଷେତ୍ରର ବିକାଶ ଦିଗରେ କୌଣସି ଉଦ୍ୟମ ହୋଉନାହିଁ । କର୍ମ ନିଯୁକ୍ତି ପାଇଁ ଯୁବବର୍ଗଙ୍କୁ ଗାଁ ଛାଡ଼ି ଜିଲ୍ଲା ଓ ରାଜ୍ୟ ବାହାରକୁ ଯିବାକୁ ପଡୁଛି । ବିପର୍ଯ୍ୟସ୍ତ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କୌଣସି ସୁଧାର ଆସିପାରି ନାହିଁ । ବୁଦ୍ଧିଜୀବିଙ୍କ ମହଲରେ ହେଉଥିବା ଚର୍ଚ୍ଚା ଅନୁଯାୟୀ ପ୍ରତିଗ୍ରାମକୁ ସୁଗମ ପଥ, ଶୁଦ୍ଧ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ମୌଳିକ ଆବଶ୍ୟକତାର ପୂରଣ ସହ ଲୋକ ସମ୍ବଳକୁ ଉପଯୋଗ କରିବା ଦ୍ୱାରା ଆର୍ଥିକ ବିକାଶର ଅଗ୍ରଗତି ହୁଏ । ତେବେ ଏହି ଜିଲାର ୧୭ ପଂଚାୟତକୁ ଅଦ୍ୟାବଧି ସଡକ ଯୋଗାଯୋଗ *(ଶେଷ ପୃଷ୍ଠା ଦେଖନ୍ତୁ)*

# ୨୦ ବର୍ଷ ପରେ ନୀତିଶଙ୍କ ହାତରୁ ଗଲା ଗୃହ ବିଭାଗ

**ପାଟନା,୨୧।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଶେଷରେ ବିଜେପି ଜିଦ ରହିଛି। ନୀତୀଶ କୁମାର ସିନା ବିହାରର ମୁଖ୍ୟମନ୍ତ୍ର ହୋଇଛନ୍ତି, କିନ୍ତୁ ତାଙ୍କ ହାତରୁ ଚାଲି ଯାଇଛି ପ୍ରମୁଖ ଗୃହ ବିଭାଗ। ୨୦୦୫ରୁ ନୀତୀଶ କୁମାର ନିଜ ପାଖରେ ଗୃହ ବିଭାଗ ରଖି ଆସୁଥିଲେ। ୨୦୨୦ରେ ଜେଡିୟୁ ୪୩ଟି ଆସନ ଜିତିଥିଲେ ହେଁ ବିଜେପି ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ କରିଥିଲା ଓ ଗୃହ ବିଭାଗ ଦେଇଥିଲା।

ହେଲେ ଏଥର ସ୍ଥିତି ବଦଳି ଯାଇଛି। ଏନଡିଏ ସରକାରରେ ବିଜେପିର ଦବଦବା ଦେଖିବାକୁ ମିଳିଛି। ବିହାରର ଗୃହ ବିଭାଗ

### ବିଜେପି ଜିଦ ଆଗରେ ଜେଡିୟୁ ନିରୂପାୟ

ବିଜେପି ନିଜ ପାଖରେ ରଖିବ ବୋଲି ଶପଥ ପାଠ ଉତ୍ସବ ପୂର୍ବରୁ ହିଁ ଅଡି ବସିଥିଲା। ଶେଷରେ ବିଜେପି ପାଖକୁ ଏହି ବିଭାଗ ଯାଇଛି। ନୀତୀଶ କୁମାର ଏହାକୁ ଛାଡି ଦେଇଛନ୍ତି।



ବିଜେପିର ବରିଷ୍ଠ ନେତା ତଥା ବିହାରର ଉପ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଗୁରୁତ୍ୱପୂର୍ଣ୍ଣ ଗୃହ ବିଭାଗ ପାଇଛନ୍ତି। ଗୁରୁବାର ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ରେକର୍ଡ ୧୦ମଥର ପାଇଁ ବିହାରର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଛନ୍ତି ନୀତୀଶ କୁମାର। ତାଙ୍କ ସହ ଆଉ ୨୬ଜଣ ମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଆଜି ନୂଆ *(ଶେଷ ପୃଷ୍ଠା ଦେଖନ୍ତୁ)*

## ନୂଆପଡ଼ା ଭୋଟ୍ ପରେ...

# ଦଳ ଓ ସରକାରରେ ବଢୁଛି ମୋହନ-ମନମୋହନଙ୍କ ଦବ୍‌ଦବା

**ଭୁବନେଶ୍ୱର,୨୧।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡ଼ା ଉପନିର୍ବାଚନ ଫଳାଫଳ ରାଜ୍ୟ ରାଜନୀତିକୁ ବିଭିନ୍ନ କାରଣରୁ ପ୍ରଭାବିତ କରିଥିବା ବେଳେ ଶାସକ ବିଜେପି ରାଜନୀତିରେ ଦଳ ସଭାପତି ମନମୋହନ ସାମଲ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଯୋଡ଼ିକୁ ବଳଶାଳୀ କରିଛି।

୨୦୨୪ ସାଧାରଣ ନିର୍ବାଚନରେ ବିଜେପିର ଅପ୍ରତ୍ୟାଶିତ ଜିତ୍ ଅନେକଙ୍କର ଆକଳନକୁ ଗୋଳମାଳ କରିଦେଇଥିଲା। ବିଜେପି କେନ୍ଦ୍ରୀୟ ନେତୃତ୍ୱ ମୋହନଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଓ ମନମୋହନଙ୍କୁ ରାଜ୍ୟ ସଭାପତି ଭାବେ ପୁନଃ ଚୟନ କରିବା କେତେକଙ୍କର ହଜମ ହେଉନଥିଲା। ବହୁଧାବିଭକ୍ତ ଦଳ ଓ ସରକାରରେ ଉଭୟଙ୍କ କାଟ୍‌ତିକୁ ନେଇ କେତେକ ପ୍ରଶ୍ନ କରୁଥିଲେ। କିନ୍ତୁ ଉପନିର୍ବାଚନ ଆରମ୍ଭରୁ ମନମୋହନ ଦଳବଳ ନେଇ ନୂଆପଡ଼ାରେ କ୍ୟାମ୍ପ କରି ରହିବା ଏବଂ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନୂଆପଡ଼ାକୁ ବାରମ୍ବାର ଗସ୍ତରେ ଯାଇ ଲୋକଙ୍କ ନିକଟତର ହେବା ନିର୍ବାଚନରେ



ବିଜେପିକୁ ବିଶେଷ ସହାୟକ ହୋଇଥିଲା। ଦଳୀୟ ପ୍ରାର୍ଥୀ ଲକ୍ଷାଧିକ ଭୋଟ୍ ପାଇ ବୃହତ୍ ବ୍ୟବଧାନରେ ବିଜୟୀ ହେବା ସହିତ ସାଧାରଣ ନିର୍ବାଚନର ମାତ୍ର ଦେଢ଼ବର୍ଷ ପରେ ବିଜେଡି ହାତରୁ ଆସନକୁ ଛଡ଼ାଇନେବା ବିଜେପିକୁ ଯେ ଖାଲି ବଳ ଯୋଗାଇଛି ତା'ନୁହେଁ ବରଂ ମୋହନ ଓ ମନମୋହନଙ୍କ ନେତୃତ୍ୱ ଅଧିକ ଶକ୍ତିଶାଳୀ ସାବ୍ୟସ୍ତ ହୋଇଛି ଦଳରେ।

ବାକିଥିବା ଦଳୀୟ ସାଂଗଠନିକ ପଦପଦବୀ ପୂରଣ ସହିତ ବିଭିନ୍ନ ନିଗମ, ବୋର୍ଡରେ ଖାଲିଥିବା ପଦପଦବୀ ପୂରଣ ଲାଗି ଶୀଘ୍ର ପ୍ରକ୍ରିୟା ଶେଷ କରିବାକୁ ପ୍ରଭାରୀ ଇଙ୍ଗିତ ଦେଇସାରିଛନ୍ତି। ତ୍ରିସ୍ତରୀୟ ସମବାୟ ବ୍ୟବସ୍ଥା ତଳସ୍ତରରେ ସଂଗଠନକୁ ମଜଭୁତ କରିବାର ଏକ ବଡ଼ ମାଧ୍ୟମ ହୋଇଥିବାରୁ ସମବାୟ ସଂସ୍ଥାଗୁଡ଼ିକୁ ସଶକ୍ତ କରିବାକୁ ଆବଶ୍ୟକ ସ୍ଥଳେ

### ଦଳଡିଆଁଙ୍କ ଲାଗି ଅଙ୍କୁଶ !

ରାଜ୍ୟବ୍ୟାପୀ ବିଜେପିର ସାଂଗଠନିକ ଶକ୍ତି ବୃଦ୍ଧି ପାଉଥିବାରୁ ଦଳ ନେତୃତ୍ୱ ମିଶ୍ରଣ ପ୍ରସଙ୍ଗରେ ମାପିଚୁପି ପଦକ୍ଷେପ ନେଇପାରନ୍ତି। ବିଜେଡି ନିଜ ଦଳର ମୂଳଲୋକଙ୍କୁ ଉପେକ୍ଷା କରି ଅନ୍ୟ ଦଳରୁ ଆଣୁଥିବା ଲୋକଙ୍କୁ ଯେଭଳି ପ୍ରାଧାନ୍ୟ ଦେଲା ଆଜି ତା'ର କୁପରଣତି ଭୋଗ କରୁଛି। ତେଣୁ ବିଜେପି ସେହି ରାସ୍ତାରେ ନଯାଇ ଯେଉଁମାନେ ଦୀର୍ଘଦିନ ଧରି ଦଳରେ ଅଛନ୍ତି ଓ ସଂଗଠନ ସହ ଯୋଡ଼ି ହୋଇ ରହିଛନ୍ତି ସେମାନଙ୍କୁ ପ୍ରାଧାନ୍ୟ ଦେବାକୁ ଦଳୀୟ ନେତୃତ୍ୱ ସ୍ତରରେ ସ୍ଥିର କରାଯାଇଥିବା ଏକ ସୂତ୍ରରୁ ଖବର ମିଳିଛି। ବିଭିନ୍ନ ଦୁର୍ନୀତି, ଅନୀତିରେ ଜଡ଼ିତ ବିଜେଡିର କିଛି ବିବାଦୀୟ ନେତା ଦଳର ଦୁଃସ୍ଥିତି ଦେଖି ବିଜେପିକୁ ଡେଇଁବା ଲାଗି କସରତ କରୁଥିଲେ ହେଁ ଏଇ ଦଳ ଡିଆଁଙ୍କ ଉପରେ ବିଜେପି ନେତୃତ୍ୱ ସତର୍କତାର ସହ ନଜର ରଖିଛନ୍ତି। ସେମାନଙ୍କ ଅନୁପ୍ରବେଶ ଉପରେ ଅଙ୍କୁଶ ଲଗାଇବାକୁ ଚିନ୍ତା କରୁଛନ୍ତି।

ଆଇନରେ ସଂଶୋଧନ ଆଣିବାକୁ ସରକାର ଖୁବ୍‌ଶୀଘ୍ର ଠୋସ୍ ପଦକ୍ଷେପ ନେଇପାରନ୍ତି ବୋଲି ସୂଚନା ମିଳିଛି।

୨୦୨୪ ନିର୍ବାଚନରେ ନୂଆପଡ଼ାରେ ବିଜେଡି ବିଜୟୀ ହୋଇଥିବା ବେଳେ ବିଜେପି ତୃତୀୟ ସ୍ଥାନରେ ଓ କଂଗ୍ରେସ ଥିଲା ଚତୁର୍ଥ ସ୍ଥାନରେ। କିନ୍ତୁ ଉପନିର୍ବାଚନରେ ବିଜେପି ତୃତୀୟରୁ ପ୍ରଥମ ସ୍ଥାନକୁ ଆସି ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ବହୁ ପଛରେ ପକାଇ ଦେଇଥିଲା। କଂଗ୍ରେସ ପାଖରେ ସମ୍ବଳର ଅଭାବ ସତ୍ତ୍ୱେ ଉଚିତ୍ ପ୍ରାର୍ଥୀ ଚୟନ ଓ ଜୋରଦାର ପ୍ରଚାର କାରଣରୁ ବିଜେଡିକୁ ତୃତୀୟ ସ୍ଥାନକୁ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଆଜିର ରାଶିଫଳ

| ତାରିଖ | ଶନିବାର– ଦ୍ୱିତୀୟା |
|---|---|
| ୨୨.୧୧.୨୦୨୫ | ନକ୍ଷତ୍ର– ଜ୍ୟେଷ୍ଠା, ବିଛାଚନ୍ଦ୍ର |

| | |
|---|---|
| **ମେଷ** | : ଯାନବାହନରେ ଆଘାତ ପାଇପାରନ୍ତି । |
| **ବୃଷ** | : ବକେୟା ପଡ଼ିଥିବା ଅର୍ଥଲାଭ ହେବ । |
| **ମିଥୁନ** | : ଦ୍ରବ୍ୟଲାଭ ଯୋଗ ରହିଛି । |
| **କର୍କଟ** | : ଗୁରୁଜନ ଅସନ୍ତୋଷ ହେବେ । |
| **ସିଂହ** | : କଳହ ଯୋଗ ରହିଛି, ଅଶୁଭ ହେବ । |
| **କନ୍ୟା** | : ନୂତନ ଆୟ ଯୋଗ କରିବେ । |
| **ତୁଳା** | : ଅଯଥା ଖର୍ଚ୍ଚାନ୍ତରେ ପଡ଼ିବେ । |
| **ବିଛା** | : ମାନସିକ ଅଶାନ୍ତି ଦେଖାଦେବ । |
| **ଧନୁ** | : ବନ୍ଧୁଙ୍କ ସହ କଳହ ହେବ । |
| **ମକର** | : ପ୍ରଶଂସିତ ହେବେ । |
| **କୁମ୍ଭ** | : ପଦୋନ୍ନତି ପାଇବେ । |
| **ମୀନ** | : ଅନୁଶୋଚନା ବୃଦ୍ଧି ପାଇବ । |

# ମୌଳିକ ସୁବିଧାରୁ ବଞ୍ଚିତ କଡ୍ଡୁସୋରୁ ଗାଁ



**୨୧।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ୱାଧୀନତାର ୭୮ ବର୍ଷ ପରେ ଏମିତି ଗାଁ ଅଛି ଯେଉଁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛି । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଉନ୍ନତି ପାଇଁ ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଏହା ପରେ ମଧ ଦୁର୍ଗମ ଅଞ୍ଚଳବାସୀଙ୍କ ମୌଳିକ ସମସ୍ୟାର ସମାଧାନ ହୋଇପାରୁନାହିଁ । ଫଳରେ ଆଜି ମଧ ସେମାନେ ଅବହେଳିତ ଭାବରେ ଜୀବନଯାପନ କରୁଛନ୍ତି । ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଯୁଗସାଇପାଟଣା ପଞ୍ଚାୟତର ବଣପାହାଡ଼ ଘେରରେ ଥିବା କଡ୍ଡୁସୋରୁ ଗାଁରେ । ଏହି ଗାଁରେ ୧୩ ଆଦିବାସୀ ପରିବାର ଦୀର୍ଘବର୍ଷ ହେବ ରହୁଥିବାବେଳେ ଗାଁକୁ ଯିବାପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ ଭଲ ରାସ୍ତାଟିଏ ନାହିଁ । ଜଙ୍ଗଲିଆ ରାସ୍ତାରେ ଲୋକେ ଯା'ଆସ କରୁଛନ୍ତି । ଏପରି କି ଗାଁଠାରୁ ୩କି.ମି. ଦୂରରେ ଥିବା କଟଲଙ୍ଗ ସ୍କୁଲକୁ ଯିବାକୁ ହେଲେ ଉକ୍ତ ଜଙ୍ଗଲିଆ ରାସ୍ତା ଦେଇ କୋମଳମତି ଶିଶୁମାନଙ୍କୁ ଯିବାକୁ ପଡିଥାଏ । ବିପଦ ଆଶଙ୍କା ଥିବାରୁ ଶିଶୁଙ୍କୁ ପାଠ ପଢିବା ପାଇଁ ଛାଡିବାକୁ ଗ୍ରାମବାସୀ ଉଚିତ ମଣୁନାହାନ୍ତି । ସେହିପରି ଜରୁରିକାଳୀନ ପରିସ୍ଥିତିରେ ରୋଗୀ ବା ଗର୍ଭବତୀ ମହିଳାଙ୍କୁ ଖଟିଆ ସାହାଯ୍ୟରେ ବୋହି ୪କି.ମି. କମଲେଇ ଗାଁକୁ ନେଲାପରେ ଆମ୍ବୁଲାନ୍ସ ସେବା ମିଳିଥାଏ । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଲା ଏହି ଗାଁରୁ ପଞ୍ଚାୟତ ମୁଖ୍ୟାଳୟ ୮୦ କି.ମି. ଓ ବ୍ଲକ କାର୍ଯ୍ୟାଳୟ ୬୪ କି.ମି. ଦୂରରେ ରହିଛି । ଫଳରେ ଗାଁ ଲୋକଙ୍କ ପାଇଁ ପଞ୍ଚାୟତରୁ ପିଡ଼ିଏସ୍ ସାମଗ୍ରୀ ଆଣିବା ମୁସ୍କିଲ ହୋଇପଡୁଛି । ଗାଁରେ ଦୁଇଟି ନଳକୂପ ରହିଛି । ସେଥିମଧ୍ୟରୁ ଗୋଟିଏ ଅଚଳ ହୋଇ ଦୁଇବର୍ଷ ପରେ ମଧ ମରାମତି ହେଉ ନ ଥିବାବେଳେ ଅନ୍ୟ ଏକ ନଳକୂପ ପାହାଡ଼ ଜାଗା ପାଇଁ ପର୍ଯ୍ୟାପ୍ତ ପରିମାଣରେ ପାଣି ବାହାରୁନାହିଁ । ଫଳରେ ନିକଟସ୍ଥ ଝରଣା ପାଣି ଗ୍ରାମବାସୀଙ୍କ ଭରସା ପାଲଟିଛି । ଏହି ଝରଣା ପାଣି ଏବେ ଶୋଷ ମେଣ୍ଟାଉଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ସେହିପରି ବର୍ତ୍ତମାନ ସୁଦ୍ଧା ଏହି ଗାଁରେ ବିଜୁଳି ସଂଯୋଗ ହୋଇ ପାରିନିଛ ଯାହାଫଳରେ ଅନ୍ଧାରରେ ଜୀବନ କାଟୁଥିବା ନେଇ ଗ୍ରାମର ଇନ୍ଦ୍ର ମାଝୀ, ଡୁନି ମାଝୀ, ଡମ୍ବରୁ ମାଝୀ, ଲାକ୍ସା ମାଝୀ, ସାନ୍ଦା ମାଝୀ, ଜାମଦେଇ ମାଝୀ, ବନ ମାଝୀ, ଦୁରପି ମାଝୀ, ଲାଚନା ମାଝୀ, କମାଲ ଦେଇ ମାଝୀ ପ୍ରମୁଖ ପ୍ରକାଶ କରିଛନ୍ତି । ଶୀଘ୍ର ଏହି ସମସ୍ୟା ପ୍ରତି ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଚାଉପଲ୍ଲୀ ଗ୍ରାମବାସୀଙ୍କୁ ମିଳୁନି ପାନୀୟ ଜଳ

**ଖଣ୍ଡପଡ଼ା, ୨୧।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ବ୍ଲକର ମର୍ଦ୍ଦରାଜପୁର ପଞ୍ଚାୟତ ଅଧିନ ଚାଉପଲ୍ଲୀ ଗ୍ରାମବାସୀ ଆଜକୁ ୩ ଦିନ ହେଲା ପାଇପ ଲାଇନ ଯୋଗେ ପାନୀୟ ଜଳ ମୁନ୍ଦେ ପାଇବାରୁ ବଞ୍ଚିତ ହୋଇଥିବା ଜଣାପଡିଛି । ମର୍ଦ୍ଦରାଜପୁର ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ମନମାନି ଓ ପାନୀୟଜଳ ଯୋଗାଣ ପ୍ରକଳ୍ପ ପମ୍ପ ହାଉସ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି । ଚାଉପଲ୍ଲୀ ଗ୍ରାମର ବାସିନ୍ଦା ଏ ସଂପର୍କରେ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଓ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳଘର ଶୂନ ବୋଲି ଜଣାପଡିଛି । ପାଇପ ଲାଇନ ଯୋଗେ ପାନୀୟଜଳ ଯୋଗାଣ ବନ୍ଦ ପରେ ଗ୍ରାମବାସୀ ବାଧହୋଇ କୂପ, ନଳକୂପ ସମେତ ଅନ୍ୟାନ୍ୟ ଜଳଉତ୍ସରୁ ପାଣି ସଂଗ୍ରହ କରି ବ୍ୟବହାର କରୁଥିବା ଜଣାପଡିଛି । ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଚାଉପଲ୍ଲୀ ଗ୍ରାମବାସୀ ଦାବି କରିଛନ୍ତି ।


## ହାତୀ ଆକ୍ରମଣରେ ଯୁବକ ମୃତ

**ହିନ୍ଦୋଳ, ୨୧।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ହାତୀ ଆକ୍ରମଣରେ ପୁଣିଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବା ଜଣାପଡିଛି । ଖବରରୁ ପ୍ରକାଶ ହିନ୍ଦୋଳ ବନାଞ୍ଚଳ ଅନ୍ତର୍ଗତ ହିନ୍ଦୋଳବ୍ଲକ ପାଟଲା ପଞ୍ଚାୟତର ତ୍ରିପୁର ଦେହୁରୀଙ୍କ ପୁଅ ଚିନ୍ମୟ ଦେହୁରୀ(୩୦) ଆଜି ଅପରାହ୍ନ ୪ଘଂଟା ସସମୟରେ ରକଲା ଶିବମନ୍ଦିର ରାସ୍ତାରେ ବାଙ୍କିଡି ଗ୍ରାମରୁ ପାଟଲା ଫେରୁଥିବା ବେଳେ ପାଟଲା ଅନ୍ତର୍ଗତ ଶାଳବଣୀ ଅଂଚଳ ନିକଟ କଲା ଶିବମନ୍ଦିର ରାସ୍ତାରେ ସେଠାରେ ଥିବା ଏକ ବଣୁଆ ହାତୀ ହାତିଟି ଦୌଡ଼ି ଆସି ଚିନ୍ମୟଙ୍କୁ ହଟାତ ଆକ୍ରମଣ କରି ଜଙ୍ଗଲ ଆଡେ ପକାଇଥିଲା ଫଳରେ ଚିନ୍ମୟ ଗୁରୁତର ଆହତ ହୋଇଥିଲେ, ଆହତ ହୋଇ ଛଟପଟ ହେଉଥିବା ଚିନ୍ମୟଙ୍କୁ ଦେଖି ଦୁଇଜଣ ସହୃଦୟବ୍ୟକ୍ତି ତୁରନ୍ତ ଏକ ବାଇକରେ ତାଙ୍କୁ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟ ଆଣିଥିଲେ ମାତ୍ର ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତେବେ ଖବରପାଇ ତୁରନ୍ତ ଘଟଣାସ୍ଥଳକୁ ଫରେଷ୍ଟର ଓ ବନକର୍ମଚାରୀଙ୍କୁ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଥିବା ଜଣାପଡିଛି ଏବଂ ଶବ ଜବତ କରି ଶବବ୍ୟବଚ୍ଛେଦ କରାଯିବ ଓ ଖୁବଶୀଘ୍ର ସମସ୍ତ କ୍ଷତିପୂରଣ ସରକାରୀ ନିୟମାନୁଯାୟୀ ଯୋଗାଦିଆଯିବ ବୋଲି ହିନ୍ଦୋଳ ବନବିଭାଗ ସୂତ୍ରରୁ ପ୍ରକାଶ ।

## ବରଦିଆ ସେଠୀ ସାହିରେ ବେଆଇନ ଗଛକଟା : ମାହାଙ୍ଗାରେ ପ୍ରଶାସନର ନାହିଁ ଅଙ୍କୁଶ

**ମାହାଙ୍ଗା, ୨୧।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ମାହାଙ୍ଗା ତହସିଲ ଅଞ୍ଚଳରେ ବଢି ଚାଲିଛି ବେଆଇନ ଗଛ କଟା । ବନ ବିଭାଗ ପାଲଟିଛି ସ୍ଥାଣୁ । ସରକାରୀ ଜମିରୁ ଲୁଟି ନେଉଛନ୍ତି କାଠ ମାଫିଆ । ଜବତ କାଠକୁ କେବଳ ନିଲାମ କରି ହାତବାନ୍ଧି ବସୁଛି ତହସିଲ ପ୍ରଶାସନ । ଗଛ ଲୁଟିଆଙ୍କ ବିରୁଦ୍ଧରେ ହେଉନି ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ । ଯାହା ଫଳରେ କାଠ ମାଫିଆମାନେ ସକ୍ରିୟ ହୋଇ ସରକାରୀ ଜମିରେ ଥିବା ବୃକ୍ଷକୁ ଟାର୍ଗେଟ କରି ଲୁଟୁଛନ୍ତି ମୂଲ୍ୟବାନ କାଠ ।

ସୂଚନା ଅନୁଯାୟୀ ଚାହାପଡା ପଞ୍ଚାୟତର ବିଭିନ୍ନ ଗ୍ରାମର ସରକାରୀ ଜମିରୁ ବେଆଇନ ଭାବେ ବଡ ବଡ ଗଛକଟା ଯାଉଥିବାବେଳେ ପ୍ରଶାସନର ଅଣଦେଖା ହେତୁ ଗଛ ଏବେ ପଦା ହେବାକୁ ବସିଲାଣି । ଏହି ବ୍ଲକରେ ଚାରାରୋପଣ ଅପେକ୍ଷା ବୃକ୍ଷ ଲୁଟ ଦ୍ରୁତଗତିରେ ବଢି ଚାଲିଥିବାବେଳେ ଏହାକୁ ରୋକିବା ପାଇଁ ସ୍ଥାନୀୟ ପ୍ରଶାସନ ବିଫଳ ହେଉଥିବା ଦେଖିବାକୁ ମିଳିଛି । ବୃକ୍ଷ କଟା ହେବା ପୂର୍ବରୁ ପ୍ରଶାସନ ନିକଟରେ ଖବର ନଥିବା ବେଳେ ବୃକ୍ଷ କଟା ଯିବା ପରେ ଏହାକୁ ପ୍ରଶାସନ ଲୋକ ଦେଖାଣିଆ ଭାବେ ଜବତ କରିବା ଘଟଣା ସରକାରୀ କଳର ପାରିବାପଣିଆକୁ ନେଇ ପ୍ରଶ୍ନ ଉଠିଛି । ଏକ ମାସ ମଧ୍ୟରେ କୁହୁଣ୍ଡା ପଞ୍ଚାୟତ କଲ୍ୟାଣପୁର ବିଦ୍ୟାଳୟ ସମ୍ମୁଖରୁ ବଡ ଚାକୁଣ୍ଡା ଗଛର ଗଣ୍ଡି କଟା ଯାଇଥିବାବେଳେ ପୁର୍ନବାର ସେହି ପଞ୍ଚାୟତର କୁମଡାହାଟ ମଧ୍ୟରେ ଥିବା ୨ଟି ବଡ ବଡ ମାହାଳ ଓ ଶିମିଳି ଗଛକୁ କଟା ଯାଇଥିବା ଦେଖିବାକୁ ମିଳିଥିଲା । ସହପିରି ଚାହାପଡା ପଞ୍ଚାୟତ ବରଦିଆ ସେଠୀ ସାହିରେ ଥିବା ୩ଟି ଚାକୁଣ୍ଡା ଗଛ କଟାଯାଇଥିଲା । ତହସିଲଦାର ଶୁଭାଶିଷ ପାଲଟାଙ୍କ ନିର୍ଦ୍ଦେଶକ୍ରମେ ଗୌଡପଡା ରାଜସ୍ୱ ନିରୀକ୍ଷକ ମଳୟ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି କଟା ଯାଇଥିବା ୩୦ ହଜାରରୁ ଉର୍ଦ୍ଧ୍ୱ ମୂଲ୍ୟର ୨୦ରୁ କାଠ ଗଣ୍ଡି ଜବତ କରିଥିବା ଜଣାଯାଇଛି । ତେବେ ସରକାରୀ ବୃକ୍ଷର ରକ୍ଷଣାବେକ୍ଷଣ ଓ ଜଗାରଖା ପାଇଁ ମାହାଙ୍ଗା ବ୍ଲକର ମାହାଙ୍ଗା ଠାରେ ବନବିଭାଗ ପକ୍ଷରୁ ଏକ ବିଟ ହାଉସ ସ୍ଥାପନ କରାଯାଇଛି । ହେଲେ ଏହି ବିଟ ହାଉସର ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ନ ହେବା ଦ୍ୱାରା ବାରମ୍ବାର ଛୁଟି ଦିନ ଆଦିରେ ସରକାରୀ ଜମିରୁ କାଠମାଫିଆମାନେ ଗଛ ଲୁଟ କରୁଛନ୍ତି । ପ୍ରଶାସନ ପକ୍ଷରୁ କାଠମାଫିଆଙ୍କ ବିରୁଦ୍ଧରେ ଆଖିଦୃଶିଆ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଏବେ ଧିରେ ଧିରେ ବଡ ବଡ ଗଛ ବିଲୁପ୍ତ ହେବାକୁ ବସିଲାଣି । ତୁରନ୍ତ କଟକ ଜିଲ୍ଲାପାଳ ଓ ଜିଲ୍ଲା ବନ୍ୟାଞ୍ଚଳ ଅଧିକାରୀ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବେଶବତମାନେ ଦାବି କରିଛନ୍ତି।

## ରାସ୍ତା ପାର୍ଶ୍ୱରୁ ସିମେଣ୍ଟ କଂକ୍ରିଟ ଖମ୍ବଗୁଡିକ ଉଠାଗଲା କାହା ସ୍ୱାର୍ଥରେ?

**ଖଣ୍ଡପଡ଼ା, ୨୧।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ବ୍ଲକ ଅଧିନ ଜାକେଲା ଗ୍ରାମରୁ କୁମ୍ଭାରପଡା, ରୟତ ଡୋଳମରା ଗ୍ରାମ ଦେଇ ଗଣିଆକୁ ସଂଯୋଗ କରୁଥିବା ରାସ୍ତାର ନବୀକରଣ କାର୍ଯ୍ୟ ଗତ କିଛିଦିନ ତଳେ ଶେଷ ହୋଇଛି । ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱସ୍ଥ କିଛି ଜାଗା ସମେତ ବୁଲାଣି ରାସ୍ତାର ଦୁଇ ପାର୍ଶ୍ୱରେ ସର୍ବସାଧାରଣଙ୍କ ଅବଗତି ଓ ଯାନବାହନ ଚାଳକଙ୍କ ସୁବିଧା ନିମନ୍ତେ କିଛି ସିମେଣ୍ଟ କଂକ୍ରିଟ ଖମ୍ବ ପୋତା ଯାଇଥିଲା । ମାତ୍ର ଏବେ ରାସ୍ତା ପାର୍ଶ୍ୱରୁ ସିମେଣ୍ଟ କଂକ୍ରିଟ ଖମ୍ବ ଗୁଡିକୁ ଉଠାଯାଇ ରାସ୍ତା ପାର୍ଶ୍ୱର ବିଭିନ୍ନ ସ୍ଥାନରେ ଗଦା କରାଯାଇଥିବା ଜଣାପଡିଛି । ତେବେ ରାସ୍ତାର ଉଭୟ ପାର୍ଶ୍ୱରେ ସ୍ଥାପନ କରାଯାଇଥିବା ସିମେଣ୍ଟ କଂକ୍ରିଟ ଖମ୍ବ ଗୁଡିକୁ କାହା ନିର୍ଦ୍ଦେଶରେ ଉଠାଇ ଦିଆଗଲା ବୋଲି ସାଧାରଣରେ ଆଲୋଚନା ହେଉଛିଛଏଥିପ୍ରତି ଖଣ୍ଡପଡ଼ା ପୂର୍ତ୍ତବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଓ ନୟାଗଡ ଅଧିକ୍ଷଣ ଯନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**କୋଇଡ଼ା, ୨୧।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

କୋଇଡା ଥାନାରେ କମ୍ପାନୀମାନଙ୍କ ପକ୍ଷରୁ ଚାରିଚକିଆ ଭଡାଗାଡି ପାଟ୍ରୋଲିଂ ପାଇଁ ନିୟୋଜିତ ହୋଇଥାଏ । ସେଥି ମଧ୍ୟରୁ ଜଣେ ଚାଳକ ରାହୁଲ ସରାଫ ଗତକାଲି ରାତ୍ରି ପ୍ରାୟ ୧୧ ସମୟରେ ଓଏମ୍ଏମ୍ ଛକ ନିକଟରେ ଥିବା ହୋଟେଲକୁ ଖାଇବା ଆଣିବାକୁ ଯାଉଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର୍ ହୋଇଥିଲା । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ କୋଇଡା ଥାନା ଏସଆଇ ପହଞ୍ଚି ତାଙ୍କୁ ଉଦ୍ଧାର କରି କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ଯେଉଁଠି ଡକ୍ଟର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ତାଙ୍କ ପରିବାରଙ୍କୁ ସୂଚନା ଦେବା ପରେ ଲିଖିତ ମାମଲା ରୁଜୁ ନମ୍ବର ୨୪୧/୨୫ ଆଧାରରେ ଘଟଣାର ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ ପରେ ମୃତ ଶରୀରକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା । ଚାଳକଙ୍କ ଦୁଃଖଦ ଆକସ୍ମିକ ମୃତ୍ୟୁ ପରେ ପରିବାର ବର୍ଗ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିବା ଦେଖିବାକୁ ମିଳିଥିଲା । ଅନ୍ୟପଟେ ହସଖୁସିରେ ଜୀବନ ଅତିବାହିତ କରୁଥିବା ଚାଳକଙ୍କୁ ଝୁରୁଛନ୍ତି ଥାନା ଅଧିକାରୀ ସମେତ ସମସ୍ତ କର୍ମଚାରୀ ଏ ନେଇ ଦୁଃଖ ପ୍ରକାଶ କରିବା ସହ ସହ ଚାଳକଙ୍କ ପରିବାର ପାଇଁ ଯଥା ସମ୍ଭବ ସାହାଯ୍ୟ କରିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି ।

## ଲକ୍ଷେ ଟଙ୍କା ଚୋରି ଅଭିଯୋଗ

**ନିଆଳି, ୨୧।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ଥାନା ଅଧିନସ୍ତ ନିଆଳି ଷ୍ଟେଟ ବ୍ୟାଙ୍କରୁ ଉକ୍ତ ଥାନା ଅଧିନସ୍ତ ବିଳାଶୁଣୀ ପଞ୍ଚାୟତ ତରବଣ ଗ୍ରାମର ମାନ ଭଞ୍ଜନ ଦାସ (୫୮) ଷ୍ଟେଟ ବ୍ୟାଙ୍କରୁ ଏକ ଲକ୍ଷ୍ୟ ଟଙ୍କା ଉଠାଇ ବ୍ୟାଗ ରେ ନେଇ ନୂଆ ଗାଁ ଯାଇଥିଲେ । ନିଆଳି ବଜାର ସମେତ ଆଖପାଖ ଅଞ୍ଚଳରେ ବୁଲାବୁଲି କରିଥିବା ବେଳେ ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ଏ ନେଇ ନିଆଳି ଥାନାରେ ମାନ ଭଞ୍ଜନ ଦାସ ଅଭିଯୋଗ କରିଛନ୍ତି । ନିଆଳି ପୋଲିସ ଉକ୍ତ ଘଟଣାକୁ ନେଇ ତଦନ୍ତ ଆରମ୍ଭ କରିଛି । ପ୍ରାଥମିକ ତଦନ୍ତରୁ ନୂଆ ଗାଁ ଛକରୁ ଦୁଇଜଣ ବ୍ୟକ୍ତି ଗାଡ଼ିରେ ଟଙ୍ଗା ଯାଇଥିବା ବ୍ୟାଗକୁ ନେଇ ବନମାଳୀପୁର୍ ଭୁବନେଶ୍ୱର ରାସ୍ତାରେ ଯାଉଥିବା ସି ସି ଟିଭି ଫୁଟେଜରୁ ଜଣାପଡିଛି ।

## କୁଖ୍ୟାତ ନିଶା ବେପାରୀ ସରୋଜ ବେହେରା ଗିରଫ

**ଜଗତସିଂହପୁର, ୨୧।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ଥାନା ଅନ୍ତର୍ଗତ ତର୍ତ୍ତଙ୍ଗ ଅଞ୍ଚଳର ଜଣେ ନିଶା ମାଫିଆଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥା । ଯାଞ୍ଚ ପରେ ତାଙ୍କ ପାଖରୁ ୬୩ ଗ୍ରାମର ହେରୋଇନ୍, ଏକ ଆଣ୍ଡ୍ରଏଡ ଫୋନ ଏବଂ ନିଶା ବେପାରରେ ବ୍ୟବହାର ହେଉଥିବା ବଜାଜ ଡିସ୍କଭର ମୋଟର ସାଇକେଲ ଜବତ କରାଯାଇଛି ।

ସୂଚନାଯୋଗ୍ୟ ଯେ, ତର୍ତ୍ତଙ୍ଗ ଗ୍ରାମର ସରୋଜ କୁମାର ବେହେରା ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ହେରୋଇନ୍ ବେପାର କରୁଥିବା ବେଳେ ତାକୁ ଧରିବା ପାଇଁ ଅବକାରୀ ବିଭାଗ ବହୁବାର ଜାଲ ବିଛାଇ ଥିଲା । ସବୁଥର ଭଳି ଅବକାରୀ ବିଭାଗକୁ ଚକମା ଦେଇ ଖସିଯାଉଥିବାବେଳେ ଅନେକ କସରୃ ପରେ ଆଜି କିନ୍ତୁ ତାଙ୍କୁ ଅବକାରୀ ବିଭାଗ କାବୁ କରିନେଇଥିଲା । ଗତ କାଲି ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତ ପ୍ରଶାନ୍ତ ସ୍ୱାଇଁଙ୍କ ଠାରୁ ସରୋଜଙ୍କ ସମ୍ପର୍କରେ ତଥ୍ୟ ବାହାର କରିଥିଲେ ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ । ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ଆଜି ହେରୋଇନ୍ ରଖିଥିବାର ସୂଚନା ପାଇବା ପରେ ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ସବ୍-ଇନ୍ସପେକ୍ଟର ଭାଗ୍ୟଲକ୍ଷ୍ମୀ ଦଳାଇ, ଏ ଏସ୍ ଆଇ ସନ୍ତୋଷ ନାୟକ, ଏ ଏସ୍ ଆଇ ପିନାକୀ ରାଉତରାୟ, କନଷ୍ଟେବଳ ସବିତା ନାୟକ, ସୁକାନ୍ତ ମାଝୀ, ଅନୋରାଗ ସୂର୍ଯ୍ୟବଂଶୀ, ମହେନ୍ଦ୍ର ରାଉତଙ୍କୁ ନେଇ ଏକ ଟିମ ଗଠନ ହୋଇଥିଲା ଯାହାର ନେତୃତ୍ୱ ନେଇଥିଲେ ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ । ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ ମାଡିବସିଥିଲେ । ଗିରଫ ଅଭିଯୁକ୍ତ ଜଣକ ହେଲେ ସରୋଜ କୁମାର ବେହେରା । ଜବତ ହେରୋଇନ୍ ସହ ବାଇକର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୭,୦୦,୦୦୦ ଟଙ୍କା ହେବ । ଅଭିଯୁକ୍ତଙ୍କ ବିରୁଦ୍ଧରେ ଏନ୍ ଡି ପି ଏସ୍ ଆକ୍ଟ ୧୯୮୫ ଅନୁସାରେ ମାମଲା ରୁଜୁ କରାଯାଇ ଜିଲ୍ଲା ଦୌରାଜଜ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି । ଜଗତସିଂହପୁର ଅଞ୍ଚଳରେ ହେରୋଇନ୍ ବ୍ୟବସାୟ କୁ ଦମନ କରିବାକୁ ସ୍ୱତନ୍ତ୍ର ଅପରେସନ୍ ଚାଲିଥିବାର ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଶ୍ରୀମତି ଅନିତା ପ୍ରଧାନ ।

## ପ୍ରଚାର ପ୍ରସାର ଅଭାବରୁ ବେକାରୀ ନିଯୁକ୍ତି ମେଳା ପ୍ରହସନରେ ପରିଣତ

**ମାହାଙ୍ଗା, ୨୧।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଏବଂ ଅନୁସୂଚିତ ଜାତି ଓ ଜନଜାତି ଯୋଜନାରେ ବେକାରୀ ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ମାଗଣାରେ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା କରାଯାଉଥିବାବେଳେ ବ୍ଲକ ପ୍ରଶାସନର ପ୍ରଚାର ପ୍ରସାର ଅଭାବ ଓ ଅଧିକାରୀଙ୍କ ଅବହେଳା ଯୋଗୁ ମାହାଙ୍ଗା ବ୍ଲକରେ ଆୟୋଜିତ ହେଉଥିବା ବେକାରୀ ନିଯୁକ୍ତି ମେଳା ପ୍ରହସନରେ ପରିଣତ ହୋଇଛି । ଏହି ନିଯୁକ୍ତି ମେଳା ପାଇଁ ବେକାରୀ ଯୁବକ ଯୁବତୀମାନଙ୍କୁ ସଠିକ୍ ଭାବେ ସୂଚନା ଦିଆନଯିବା ଏବଂ ମେଳା ଆୟୋଜନ ସଂପର୍କରେ ଗୋଟିଏ ଦିନ ପୂର୍ବରୁ ନାମକୁମାତ୍ର ବଜାର ଛକରେ ଡାକବାଜି ଯନ୍ତ୍ରରେ ସୂଚନା ଦେବା ଯୋଗୁ ଏହି ଖବର ସଠିକ୍ ଭାବରେ ବେକାରୀ ଯୁବକ ଯୁବତୀଙ୍କ ନିକଟରେ ପହଂଚି ପାରି ନଥିବାରୁ ବହୁ ଶିକ୍ଷିତ ଯୁବକ ଯୁବତୀ ଏହି ମେଳାରୁ ବଂଚିତ ହୋଇଥିବା ଅଭିଯୋଗ ହୋଇଛି । ଏହା କେବଳ ଅନୁସୁଚିତ ଜାତି ଓ ଜନଜାତି ଯୁବକ ଯୁବକମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ପ୍ରଶାସନର ସଠିକ୍ ସୂଚନା ଅଭାବରୁ ଏଥିରେ ଅନ୍ୟ ବର୍ଗର ଯୁବକ ଯୁବତୀମାନେ ଯୋଗଦେଇଥିଲେ । ଏକ ଖୋଲା ସ୍ଥାନରେ ନିଯୁକ୍ତି ମେଳା କରାନଯାଇ ଅତି ତରବରିଆ ଭାବେ ବ୍ଲକ ସମ୍ମିଳନୀ କକ୍ଷରେ କରାଯାଇଥିଲା । ଯାହା ଫଳରେ ଏହି ମେଳାର ଲକ୍ଷ୍ୟ ପୂରଣ ହୋଇପାରିନାହିଁ । ମେଳାରେ ଯୋଗ ଦେଇଥିବା ଯୁବକ ଯୁବତୀ ମାନଙ୍କ ପାଇଁ ବିଶ୍ରାମସ୍ଥଳୀ କିମ୍ବା ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇନଥିବାରୁ ଆବେଦନକାରୀ ମାନେ ନାହିଁ ନଥିବା ହୀନସ୍ତା ଭୋଗ କରି ମେଳାରୁ ଫେରିଛନ୍ତି । ସରକାର ଦକ୍ଷତା ବିକାଶ ନିମନ୍ତେ ପ୍ରଚୁର ପରିମାଣରେ ଅର୍ଥ ଯୋଗାଉଥିବାବେଳେ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଅବହେଳା ଯୋଗୁ ଏହି ଅର୍ଥର ସୁବିନିଯୋଗ ହୋଇନପାରି ହରିଲୁଟ ହେଉଥିବା ଅଭିଯୋଗ ହୋଇଛି । ଏହି ମେଳାରେ ୧୨ଟି ସଂସ୍ଥା ଯୋଗ ଦେଇଥିବା ବେଳେ ମାହାଙ୍ଗା ବ୍ଲକର ୩୭ ପଂଚାୟତରୁ ମାତ୍ର ୮୬ ଜଣ ଯୁବକଯୁବତୀ ନିଯୁକ୍ତି ପାଇଁ ଆବେଦନ କରିବା ଘଟଣା ପ୍ରଶାସନର ପାରିବାପଣିଆକୁ ପଦାରେ ପକାଇଛି । ଏହି ମେଳା ପାଇଁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ଆର୍ଥିକ ବ୍ୟବସ୍ଥା କରାଯାଇଥିବାବେଳେ ବ୍ଲକ ସମ୍ମିଳନୀ ଗୃହରେ ନାମକୁମାତ୍ର ମେଳା ଆୟୋଜନ କରି ସରକାରୀ ଅର୍ଥ ଲୁଟ ହେଉଥିବା ଆଲୋଚନା ହେଉଛି । କଟକ ଜିଲ୍ଲାପାଳ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି । ଏ ସଂପର୍କରେ ବ୍ଲକ ସମାଜ ମଙ୍ଗଳ ଅଧିକାରିଣୀ ଦୀପିକା ରାଉତରାୟଙ୍କୁ ଯୋଗାଯୋଗ କରିବାରୁ ଏହି ମେଳା କେବଳ ଅନୁସୁଚିତ ଜାତି ଓ ଜନଜାତିର ପାଇଁ ଉଦ୍ଦିଷ୍ଟ ଥିଲା । ଏଥିରେ ସବୁ ବର୍ଗର ଯୁବକ ଯୁବତୀ ଯୋଗ ଦେଇଥିଲେ । ବିଭାଗ ପକ୍ଷରୁ ଖୁବ୍ କମ ଅର୍ଥ ବ୍ୟୟବରାଦ କରାଯାଇଥିବାରୁ ବ୍ଲକ ସମ୍ମିଳନୀ କକ୍ଷରେ ମେଳା ଆୟୋଜନ କରାଯାଇଥିବା କହିଥିଲେ ।

## ବିପୁଳ ପରିମାଣରେ ମହୁଲ ପୋଚ ଓ ଦେଶୀ ମଦ ଜବତ

**ବେତନଟୀ, ୨୧।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅବକାରୀ ବିଭାଗ ପକ୍ଷରୁ ବେତନଟୀ ଥାନା ଅଧୀନ ସାରିଆ ଓ ଡୁମାପଦା ଠାରେ ଚଢ଼ାଉ କରାଯାଇ ସେଠାରୁ ଦେଶୀ ମଦ ଓ ମହୁଲ ପୋଚ, ମଦ ତିଆରି ସାମଗ୍ରୀ ନଷ୍ଟ କରାଯାଇଛି । ସୂଚନା ଅନୁସାରେ ମୟୂରଭଞ୍ଜ ଜିଲ୍ଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ପ୍ରଶାନ୍ତ କହ୍ନରଙ୍କ ନିର୍ଦ୍ଦେଶ କ୍ରମେ ବେତନଟୀ ଅବକାରୀ ଇନ୍ସପେକ୍ଟର ପ୍ରଦୀପ କୁମାର ବେହେରା ଓ ଉଦଳା ଅବକାରୀ ଇନ୍ସପେକ୍ଟର ସୂର୍ଯ୍ୟକାନ୍ତ ମଲ୍ଲିକ, ଖୁଣ୍ଟା ଅବକାରୀ ଇନ୍ସପେକ୍ଟର କୃଷ୍ଣଚନ୍ଦ୍ର ସେଠୀ ମିଳିତ ଭାବେ ନିଜ ଟିମ ସହ ଦୁଇଟି ପୃଥକ ପୃଥକ ସ୍ଥାନ ସାରିଆ ଓ ଡୁମାପଦା ଜଙ୍ଗଲରେ ଚଢ଼ାଉ କରିଛି । ଘଟଣାସ୍ଥଳରୁ ୩୮୦୦ କେଜି ମହୁଲ ପୋଚ ଓ ୩୮୫ ଲିଟର ଦେଶୀ ମଦ ଜବତ କରିବା ସହ ସେଠାରୁ ବାହାରିଥିବା ବିଭିନ୍ନ ପ୍ରକାର ମଦ ତିଆରି ସାମଗ୍ରୀକୁ ନଷ୍ଟ କରାଯାଇଛି । ଜବତ ସମୟରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ସୂଚନା ମିଳିଛି ।

### କଳିଙ୍ଗନଗର ଶିଳ୍ପାଞ୍ଚଳରେ ଆଉ ଏକ ଉତ୍ତେଜନା

# ସନଭିରା କେମିକାଲ୍ କାରଖାନାର ମନମାନି : ଅସନ୍ତୋଷ ତୀବ୍ର

**କଳିଙ୍ଗନଗର, ୨୧।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**



ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ସିରିୟସ କୋଲଟାର-ସନଭିରା କେମିକାଲ୍ ପ୍ଲାଣ୍ଟକୁ ନେଇ ପୁଣି ଥରେ ଉଠିଲାଣି ଅସନ୍ତୋଷ ଝଡ଼ । ଜମିହରା ଚାଷୀମାନେ ଗତକାଲି କାରଖାନା ପରିସରରେ ପାଚେରୀ ନିର୍ମାଣ କାମକୁ ବନ୍ଦ କଲେ । ସେଠାରେ ପ୍ରବଳ ଉତ୍ତେଜନା ଦେଖିବାକୁ ମିଳିଥିଲା । ଲୋକଙ୍କ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଲାଣି । ଜମି ହରାଇ ସର୍ବସ୍ୱାନ୍ତ ହୋଇଥିବା ଜମିହରାଙ୍କୁ କ୍ଷତି ପୂରଣ ଅର୍ଥ ଓ ଚାକିରି ନଦେଇ କମ୍ପାନୀ ବନାଉଥିବା ପାଚେରୀକୁ କଲେ ତୀବ୍ର ବିରୋଧ । -ପ୍ରଥମେ କ୍ଷତିପୂରଣ ଦିଅ, ପରେ କାରଖାନା ସ୍ଥାପନ କର-ସ୍ଲୋଗାନ ଦେଇ ଜମିହରାମାନେ ତୀବ୍ର ବିରୋଧ କରିଥିବା ଜଣାପଡିଛି । ଏହାର ଫଳରେ କାରଖାନାର ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ୧୫ ଦିନେ ସମାଧାନର ପ୍ରତିଶ୍ରୁତି-କିନ୍ତୁ ପ୍ରତିଶ୍ରୁତି ପୂରଣ ନ କରିକି ଜୋହାର ଜବରଦସ୍ତ କମ୍ପାନୀ କାମ ଆରମ୍ଭ କରିବା ଚାଷୀଙ୍କ ଅଧିକାରକୁ ଅଣଦେଖା କରିବାର ଅର୍ଥ ପ୍ରଶାସନ ପ୍ରତିଶ୍ରୁତି କେବଳ କଥାରେ ସୀମିତ ଏପରି ଅଭିଯୋଗ ସାଧାରଣରେ ଉଠୁଛି । ଗତ ମାସରେ ଦାନଗଦିରେ ହୋଇଥିବା ଯୁଗ୍ମ ଅଭିଯୋଗ ଜନଶୁଣାଣି ଶିବିରରେ ଚାଷୀମାନେ ଜମି ବାବଦରେ କ୍ଷତିପୂରଣ ନ ମିଳିଥିବା ଅଭିଯୋଗ କରିଥିଲେ । ଏହାପରେ ଜିଲ୍ଲାପାଳ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ-୧୫ ଦିନ ମଧ୍ୟରେ ଚାଷୀମାନଙ୍କ କ୍ଷତିପୂରଣ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ତୁରନ୍ତ କରନ୍ତୁ । କମ୍ପାନୀ କର୍ତ୍ତୃପକ୍ଷ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ମାନୁନି ଏବେ ଚାଷୀ ଯିବେ କାହା ପାଖକୁ ଚିନ୍ତାରେ ଚାଷୀ । ହେଲେ ୧୫ ଦିନ ବିତିଲା, କିନ୍ତୁ ସମାଧାନ କୌଣସି ଦିଗରୁ ବାଟ ଫିଟିଲା ନାହିଁ । ତାହାର ମଧ୍ୟରେ ହଠାତ୍ କମ୍ପାନୀ ପକ୍ଷରୁ କିଛି ଅସାମାଜିକ ଠିକାଦାରକୁ ନେଇ ପାଚେରି କାମ ଆରମ୍ଭ କରିବା ଚାଷୀମାନଙ୍କ ରୋଷକୁ ଉତ୍ତେଜିତ ଦୁଇଗୁଣିତ କରିଦେଇଛି । କମ୍ପାନୀ କର୍ତୃପକ୍ଷ କିଛି ଠିକାଦାରଙ୍କୁ ଧରି ଆଜି ସକାଳେ ଅଧିଗ୍ରହଣ ଜମିରେ ପାଚେରୀନିର୍ମାଣ କାମ ଆରମ୍ଭ କରିବାକୁ ମେସିନ୍ ସହଲୋକ ନେଇ ପହଞ୍ଚିଲାପରେ । ଜମିହରା ଚାଷୀମାନେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଗଲେ ଏବଂ ଆକ୍ରୋଶ ଓ ଉତ୍ତେଜନା ସହ କାମକୁ ତୁରନ୍ତ ବନ୍ଦ କରାଇଦେଲେ । କ୍ଷତିପୂରଣ ଦିଅ- ପାଚେରୀ ବନ୍ଦ କର । ଚାଷୀଙ୍କୁ ଅଧିକାର ମିଳୁ, କମ୍ପାନୀ ଦାଦାଗିରି ବନ୍ଦ କର । ଅବସ୍ଥା ଉତ୍ତେଜନାକୁ ଦେଖି ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ସମାଧାନ ପାଇଁ ଆଲୋଚନା କରିବା ପରେ ଚାଷୀମାନେ ଅସ୍ଥାୟୀ ଭାବରେ ଆନ୍ଦୋଳନ ରୋକ କରି ଫେରିଥିଲେ । ଇଡ଼କୋ ଯୋଗାଇଥିବା ୫୨ ଏକର ଜମି-କମ୍ପାନୀର ପଦକ୍ଷେପ ନେଇ ପ୍ରଶ୍ନ । କାରଖାନା ପାଇଁ ଇଡ଼କୋ ୫୨ ଏକର ଜମି ଯୋଗାଇଥିବା ଆଧିକାରିକ ସୂଚନା ରହିଛି । ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁଜନଶୁଣାଣି ଶେଷ ପରେ, ପରିବେଶ ମଞ୍ଜୁରୀ ମିଳିଲା, ବୋଲି କମ୍ପାନୀ ଦାବି କରୁଛ । କିନ୍ତୁ କ୍ଷତିପୂରଣ ନ ଦେଇ କମ୍ପାନୀ କାମ ଆରମ୍ଭ କରିଥିବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଚାଷୀମାନେ କହୁଛନ୍ତି-ମଞ୍ଜୁରୀ ଥିଲେ ମଧ ଆମ ଅଧିକାର ମଞ୍ଜୁରୀ ବିନା କମ୍ପାନୀ କାମ କରିପାରିବନି । କଳିଙ୍ଗନଗରରେ ଦିନକୁ ଦିନ ଶିଳ୍ପାଞ୍ଚଳ ବୃଦ୍ଧି ପାଉଛି । କିନ୍ତୁ ଜମିହରାଙ୍କ କ୍ଷତି ପୂରଣ ଦେବାରେ ଟାଳଟୁଳ ନୀତି ଅସନ୍ତୋଷ ବୃଦ୍ଧିର ମୂଳ କାରଣ ସାଜିଛି । କଳିଙ୍ଗନଗରରେ ଏବେ ୧୫ରୁ ଅଧିକ କାରଖାନା କାର୍ଯ୍ୟରତ ଅଛି ୩୫ଟି ନୂଆ ଏମ୍ଏସ୍ଏମ୍ଇ-ଲାର୍ଜ ପ୍ରୋଜେକ୍ଟ ଆସୁଛି । ଗତ ମେ' ୨୨ରେ ମୁଖ୍ୟମନ୍ତ୍ରୀ ୨୦ ଶିଳ୍ପର ଭୂମିପୂଜନ କରିଥିଲେ । ନୂତନ ସରକାରଙ୍କ ଶିଳ୍ପ ନୀତି ଅନୁସାରେ ତ୍ୱରାନ୍ୱିତ ରେ କାମ ଚାଲିଛି । କିନ୍ତୁ ଜମିହରାଙ୍କ ମୂଳ ସମସ୍ୟା- କ୍ଷତିପୂରଣ, ପୁନର୍ବାସ, ନିଯୁକ୍ତି- ଅଧୂରା ରହିଛି । ଏଥିପାଇଁ ଅଞ୍ଚଳର ବୁଦ୍ଧିଜୀବୀ ମହଲର ପ୍ରଶ୍ନ-ଶିଳ୍ପ ଆସିବ- ଭଲ କଥା, କିନ୍ତୁ ଜମିଦାର-ଚାଷୀଙ୍କ ଅଧିକାର ମାନିବା ନେଇ ପ୍ରଶାସନ କାହିଁକି ନିରବ? ଏବେ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷର ଭବିଷ୍ୟତ ଭୟ - 'କଳିଙ୍ଗନଗର ୨୦୦୬'ର ସ୍ମୃତି ଫେରିବ କି ଅଞ୍ଚଳ ଆଲୋଚନା ଜୋହାର ଧରିଛ । ଏପରି ଆଇନ କାନୁନ ଓ ପ୍ରଶାସନ ନିର୍ଦ୍ଦେଶକୁ ନମାନି କମ୍ପାନୀ କାମ ଅନୁଶାସନହୀନ ଭାବେ କମ୍ପାନୀ କାମ ଆରମ୍ଭ କରିଲେ । କଳିଙ୍ଗନଗରର ୨୦୦୬ର ଭୟଙ୍କର ଘଟଣା ସ୍ମୃତି ପୁଣି ଜୀବିତ ହେବ କୀ । ଜମିଭୂମି-ଜୀବିକା-ଅଧିକାର ପ୍ରଶ୍ନରେ ଅଞ୍ଚଳ ପୁଣି ଉତ୍ତେଜନାର ଆଶଙ୍କା ଦେଖାଦେଇଛି । ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବାକୁ ପଡ଼ିବ । କମ୍ପାନୀର 'ଦାଦାଗିରି' ରୋକିବା ଦାବି ଦିନକୁ ଦିନ ତୀବ୍ର ହେଉଛି । ଚାଷୀଙ୍କ ଦାବି – କ୍ଷତିପୂରଣ ଦିଅ, ନଅଲେ କାମ ବନ୍ଦ କର । କଳିଙ୍ଗନଗର ଶିଳ୍ପାଞ୍ଚଳର ଦ୍ରୁତ ବିକାଶରେ ଜମିହରାଙ୍କ ଅଧିକାର ଅନ୍ଦେହେଲେ ଆଗକୁ ବଡ଼ ଅସନ୍ତୋଷ ଜନ୍ମ ନେଇପାରେ । ପ୍ରଶାସନ-କମ୍ପାନୀ-ଚାଷୀମାନଙ୍କ ମଧ୍ୟରେ ତୁରନ୍ତ ତ୍ରିପକ୍ଷୀୟ ଆଲୋଚନା ଚାଷୀଙ୍କ ଅଧିକାର ମୁତାବକ କ୍ଷତିପୂରଣ ନ ଦେଲେ, କଳିଙ୍ଗନଗର ଶିଳ୍ପାଅଞ୍ଚଳରେ ଅସ୍ଥିରତା ଓ ଅଶାନ୍ତ ବଢ଼ିବ ବୋଲି ଅନୁମାନ କରଯାଉଛି ।

■ ■ ନୂଆ ସରକାର ଚାଷକୁ ଗୁରୁତ୍ୱ ଦେଉଛନ୍ତି । ୩୪ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଭାଇଭଉଣୀମାନଙ୍କୁ ୨୧ତମ କିସ୍ତିରେ ୭୦୦ କୋଟି ଟଙ୍କା ହସ୍ତାନ୍ତର କରାଯାଇଛି । ଚାଷୀଭାଇଙ୍କ ପାଇଁ ବିଭିନ୍ନ ପ୍ରୋତ୍ସାହନମୂଳକ ଯୋଜନା ମଧ୍ୟ କରାଯାଉଛି । ସବୁପ୍ରକାର ସୁବିଧା ସୁଯୋଗ ପାଇଲେ ଚାଷୀଙ୍କର ଆଗ୍ରହ ନିଶ୍ଚେ ବଢ଼ିବ ଚାଷ ପାଇଁ । ସ୍ୱାବଲମ୍ବୀ ହୋଇପାରିବେ ଚାଷୀ । କିନ୍ତୁ ସରକାରଙ୍କ ପ୍ରୋତ୍ସାହନ ଫଳରେ ଅମଳ ଯଦି ଆଶାନୁରୂପ ହେଲା ତା'ହେଲେ ସେସବୁକୁ ରଖିବା ପାଇଁ ଶୀତଳ ଭଣ୍ଡାର କାଇଁ ଆମ ରାଜ୍ୟରେ? ସାଇତି ରଖିବାର ବ୍ୟବସ୍ଥା ତ ଆଜିଯାଏଁ କରାଯାଇପାରିଲାନି? ପୂର୍ବ ସରକାର ଜାଣିଥିଲେ ରାଜ୍ୟରେ ଶୀତଳ ଭଣ୍ଡାର ଅଭାବ ରହିଛି, ଏ ସରକାରକୁ ମଧ୍ୟ ତାହା ଯେ ଅଜଣା ସେକଥା ନୁହେଁ ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୨୨ ନଭେମ୍ବର ୨୦୨୫ | ଶନିବାର



## ଓଡ଼ିଶା ଏକ୍ସପ୍ରେସ୍


## ଗାଈ କିଣିବା ପୂର୍ବରୁ ଗୁହାଳ କରିବା ଦରକାର

ପୁରୁଣାକାଳିଆ ଲୋକେ କହନ୍ତି– ଗାଈ କିଣିବା ପୂର୍ବରୁ ଗୁହାଳ ନିର୍ମାଣ କରିବା ବୁଦ୍ଧିମାନର ପରିଚୟ । ଗୁହାଳ କଥା ଚିନ୍ତା ନକରି ଜାତିଆ ଗାଈଟିଏ ଘରକୁ ନେଇଆସିଲେ ଦହଗଞ୍ଜ ହେବା ସୁନିଶ୍ଚିତ । ଗାଈଟି ବିଚରା ଶୀତ–କାକର ଆଉ ବର୍ଷାରେ ଭିଜିବ ଏଥିସହିତ ମାଲିକର ମୁଣ୍ଡବ୍ୟଥା ମଧ୍ୟ ବଢ଼ିବ । ଏକ ସୁନ୍ଦର ପରିଚ୍ଛନ୍ନ ଗୁହାଳରେ ରହିଲେ ଗାଈଟି ମଧ୍ୟ ସୁସ୍ଥ ରହି ଅଧିକ କ୍ଷୀର ଦେବ ।

ଏତେ ମୟୂରଚନ୍ଦ୍ରିକା ଦେବାର ଅସଲ ଉଦ୍ଦେଶ୍ୟ ହେଲା, ନିକଟରେ ଖବର ପ୍ରକାଶ ପାଇଛି– ଏଥର ୫୦ହଜାର ଏକର ଜମିରେ ଆଳୁଚାଷ କରାଯିବ । ଉନ୍ନତ ଆଳୁ ବିହନ, ପ୍ରୋତ୍ସାହନ ଏବଂ କୃଷି ବିଶେଷଜ୍ଞମାନଙ୍କ ପରାମର୍ଶ ମଧ୍ୟ ଦିଆଯିବ ଚାଷୀଙ୍କୁ । ଏଭଳି ହେଲେ ଚାଷୀଙ୍କ ମନରେ ଆଗ୍ରହ ସୃଷ୍ଟି ହେବ ଆଳୁଚାଷ ପାଇଁ, ଅମଳ ମଧ୍ୟ ଭଲ ହେବ ବୋଲି ଆଶା ।

ଚଳିତ ରବିଋତୁରେ ରାଜ୍ୟର ୫୦ହଜାର ଏକର ଜମିରେ ଆଳୁ ଚାଷ କରିବାର ଲକ୍ଷ୍ୟ ରଖିଛନ୍ତି ସରକାର । ଏଥିପାଇଁ ପଞ୍ଜାବରୁ ଉନ୍ନତ ବିହନ ଅଣାଯାଇ କିଲୋପ୍ରତି ୨୦ ଟଙ୍କା ଦରରେ ବିକ୍ରି କରାଯାଉଛି । ବିହନ ଜମିରେ ଲଗାଇବା ପରେ କିଲୋ ପ୍ରତି ୧୦ ଟଙ୍କା ଚାଷୀଙ୍କୁ ଫେରସ୍ତ ଦେବାର ଯୋଜନା ମଧ୍ୟ ରହିଛି । ଏପର୍ଯ୍ୟନ୍ତ ପ୍ରାୟ ୧ଲକ୍ଷ କ୍ୱିଣ୍ଟାଲ ଉନ୍ନତମାନର ଆଳୁ ବିହନ ୩୦ଟି ଜିଲାର ବିଭିନ୍ନ ବ୍ଲକ୍‌ରେ ବଣ୍ଟନ କରାଗଲାଣି । ବିହନ ପାଇବା ପରେ ବିଶୋଧନ କରି ଉନ୍ନତ ପ୍ରଣାଳୀ ଅବଲମ୍ବନ କରି ଜମିରେ ଲଗାଇବା ପାଇଁ ଚାଷୀମାନଙ୍କୁ ପରାମର୍ଶ ମଧ୍ୟ ଦିଆଯାଇଛି । ଆଳୁ ବିହନର ଗୁଣାତ୍ମକମାନ ଓ ସମୟ ଅନୁଯାୟୀ ବଣ୍ଟନ ଉପରେ ପ୍ରମୁଖ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି । ରାଜ୍ୟରେ ଅନୁକୂଳ ଜଳବାୟୁ ଅନୁଯାୟୀ ଆଳୁଚାଷର ସଫଳତା ନିଶ୍ଚିତ ବୋଲି ଅନୁମାନ କରାଯାଉଛି ।

ସରକାର ଉଭୟ ଶିଳ୍ପ ଏବଂ କୃଷିକୁ ଗୁରୁତ୍ୱ ଦେବା ନିଶ୍ଚିତ ଭାବରେ ଏକ ଉତ୍ତମ ଆଭିମୁଖ୍ୟ । ଆମ ରାଜ୍ୟ ସବୁବେଳେ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରେ ଆଳୁ ପାଇଁ । ପଶ୍ଚିମବଙ୍ଗରୁ ଆଳୁ ଟ୍ରକ୍ ନ ଆସିଲେ ଆମ ରାଜ୍ୟରେ ଆଳୁର ଅଭାବ ଦେଖାଦିଏ । ଦର ମଧ୍ୟ ବଢ଼ିଯାଏ । ହାଣ୍ଡିଶାଳ ଉପରେ ଏହାର ସିଧା ପ୍ରଭାବ ପଡ଼େ । ପ୍ରତିବର୍ଷ ଏଇଭଳି ପରିସ୍ଥିତି ସୃଷ୍ଟି ହୁଏ ।

ରାଜ୍ୟକୁ ଆଳୁରେ ଆତ୍ମନିର୍ଭରଶୀଳ କରିବା ପାଇଁ ପୂର୍ବ ବିଜେଡି ସରକାର ଆଳୁ ମିଶନ ଗଢ଼ିଥିଲେ । ତାହା କେତେ ସଫଳ ହୋଇଥିଲା ସେକଥା କାହାରିକୁ ଅଛପା ନାହିଁ । ପଶ୍ଚିମବଙ୍ଗରୁ ଆଳୁ ଟ୍ରକ୍ ଆସିବା ପରେ ଯୋଜନା ନେସେମି ଯାଇଥିଲା । ଯେତେବେଳ ଯାଏଁ ପଡ଼ୋଶୀ ରାଜ୍ୟରେ ଭଲ ଅମଳ ହେଉଥିବ ସେତେଦିନ ଯାଏଁ ଆମର ଚିନ୍ତା ନାହିଁ । କେବଳ ଭୟ ଟ୍ରକ୍ ଧର୍ମଘଟକୁ । ପଡ଼ୋଶୀ ରାଜ୍ୟର କ୍ଷେତ ହିଁ ଆମ କ୍ଷେତ ସତେ ଯେମିତି । ଆମେ କେବଳ ତା'ର ବିପଣନ ଦାୟିତ୍ୱ ନେଇଥାଉ ।

ନୂଆ ସରକାର ଚାଷକୁ ଗୁରୁତ୍ୱ ଦେଉଛନ୍ତି । ୩୪ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଭାଇଭଉଣୀମାନଙ୍କୁ ୨୧ତମ କିସ୍ତିରେ ୭୦୦ କୋଟି ଟଙ୍କା ହସ୍ତାନ୍ତର କରାଯାଇଛି । ଚାଷୀଭାଇଙ୍କ ପାଇଁ ବିଭିନ୍ନ ପ୍ରୋତ୍ସାହନମୂଳକ ଯୋଜନା ମଧ୍ୟ କରାଯାଉଛି । ସବୁପ୍ରକାର ସୁବିଧା ସୁଯୋଗ ପାଇଲେ ଚାଷୀଙ୍କର ଆଗ୍ରହ ନିଶ୍ଚେ ବଢ଼ିବ ଚାଷ ପାଇଁ । ସ୍ୱାବଲମ୍ବୀ ହୋଇପାରିବେ ଚାଷୀ । କିନ୍ତୁ ସରକାରଙ୍କ ପ୍ରୋତ୍ସାହନ ଫଳରେ ଅମଳ ଯଦି ଆଶାନୁରୂପ ହେଲା ତା'ହେଲେ ସେସବୁକୁ ରଖିବା ପାଇଁ ଶୀତଳ ଭଣ୍ଡାର କାଇଁ ଆମ ରାଜ୍ୟରେ? ସାଇତି ରଖିବାର ବ୍ୟବସ୍ଥା ତ ଆଜିଯାଏଁ କରାଯାଇପାରିଲାନି? ପୂର୍ବ ସରକାର ଜାଣିଥିଲେ ରାଜ୍ୟରେ ଶୀତଳ ଭଣ୍ଡାର ଅଭାବ ରହିଛି, ଏ ସରକାରକୁ ମଧ୍ୟ ତାହା ଯେ ଅଜଣା ସେକଥା ନୁହେଁ । ତେଣୁ କ୍ଷେତ ହସିଲେ ଆମ ରାଜ୍ୟର ଚାଷୀଙ୍କୁ କାନ୍ଦିବାକୁ ପଡ଼େ, ଅଭାବୀ ବିକ୍ରିର ସାମ୍ନା କରିବା ଫଳରେ । ତେଣୁ ଗାଈ କିଣିବା ପୂର୍ବରୁ ଯେମିତି ଗୁହାଳ ନିର୍ମାଣ କରେ ବୁଦ୍ଧିମାନ ବ୍ୟକ୍ତି ଜଣକ, ଠିକ୍ ସେଇଭଳି ଚାଷକୁ ଏବଂ ଚାଷୀକୁ ପ୍ରୋତ୍ସାହିତ କରିବା ସହିତ ଶୀତଳ ଭଣ୍ଡାର କଥା ମଧ୍ୟ ଚିନ୍ତା କରିବା ଉଚିତ୍ । ମଣ୍ଡିକୁ ବ୍ୟବସ୍ଥିତ କରିବା ମଧ୍ୟ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ କୃଷିର ବିକାଶ ପାଇଁ ।

ସରକାର ଏ ବିଷୟରେ ଚିନ୍ତା କରିବା ଉଚିତ୍ ।

## ଅଜ୍ଞ ମଣିଷ

**ଅଲେଖ ଚନ୍ଦ୍ର ସାମଲ**

ଆଜିର ମଣିଷ ଅହଂ ରୂପକ କାରାଗାର ମଧ୍ୟରେ ବନ୍ଦୀ। ଜ୍ଞାନହୀନ ହୋଇଥିବା ସତ୍ତ୍ୱେ ସେ ନିଜକୁ ସବୁଠାରୁ ଜ୍ଞାନୀ ମନେକରେ। ପରିବେଶ ଏବଂ ପରିସ୍ଥିତିରୁ କିଛି ଶିଖେନାହିଁ। ପରିଣାମ ସ୍ୱରୂପ ବିଶ୍ୱ ରସାତଳଗାମୀ ହେବାରେ ଲାଗିଛି। କାହାଣୀଟିଏ ଶୁଣିବା ହେଉ। ବଣରେ ରହୁଥିଲେ ଗୋଟିଏ କାଠହଣା ଦମ୍ପତି । ପୁରୁଷ କାଠହଣା ନିଜ ଜୀବନକୁ ନେଇ ସନ୍ତୁଷ୍ଟ ଥିଲା । ତେବେ ମାଈ କାଠହଣା ଥିଲା ଉଚ୍ଚାଭିଳାଷିଣୀ । ଦିନେ ସେ ନିଜର ପୁରୁଷକୁ କହିଲା, ଆହେ ଶୁଣୁଛ, ଏହି ଜଙ୍ଗଲର ବୃକ୍ଷ କଣା କରି କରି ବିରକ୍ତ ଲାଗିଲାଣି। ଚଞ୍ଚୁ ଦୈନିକ ଏକ ପ୍ରକାରର ସ୍ୱାଦ ଆସ୍ୱାଦନ କରୁଛି। ଅନ୍ୟ ଜଙ୍ଗଲର ସନ୍ଧାନ ନିଆ। ପୁରୁଷ କାଠହଣାର ଦୂରକୁ ଯିବା ପାଇଁ ଇଚ୍ଛା ନଥିଲା। ସେ କହିଲା, ମୁଁ ଶୁଣିଛି, କୋଶେ ବାଟ ଦୂରରେ ଥିବା ଜଙ୍ଗଲର କାଠ ଭାରି ଟାଣ। ଚଞ୍ଚୁ ଭାଙ୍ଗିଯାଇପାରେ। ମାଈ କାଠହଣା ଜିଗର କରି କହିଲା, ନ ଗଲେ ଜାଣିବ କିପରି? ଉଦ୍ୟମ ନକଲେ ବୁଝିବ କିପରି? ପ୍ରାଣପ୍ରିୟା ପତ୍ନୀର କଥା ଭାଙ୍ଗି ନପାରି କାଠହଣା ବାହାରିଲା। ପାଖ ଜଙ୍ଗଲରେ ପହଞ୍ଚିବା ବେଳକୁ ବର୍ଷା ଆସିଲା। ଦୈବକୁ କାଠହଣା ବସିଥିବା ଗଛ ଉପରେ ବଜ୍ର ପଡ଼ିଲା।

ଠିକ୍ ସେହି ମୁହୂର୍ତ୍ତରେ ଚଞ୍ଚୁ ଦ୍ୱାରା ଗଛ ଉପରେ ପ୍ରଥମ ଆଘାତ ବସାଇଥାଏ କାଠହଣା। ବଜ୍ର ପ୍ରଭାବରେ ଭୂତଳଶାୟୀ ହେଲା ଗଛ। କାଠହଣା ବାପୁଡ଼ା ବୁଝିଲା, ତାହା ସମ୍ଭବ ହୋଇଛି ତା' ଚଞ୍ଚୁର ଆଘାତ ଯୋଗୁଁ । ସେ ପୁଲକିତ ହୋଇ ସୁଖବର ଶୁଣାଇବା ପାଇଁ ଚାଲିଲା ସ୍ତ୍ରୀ ପାଖକୁ। ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ ଆମ୍ଭମାନଙ୍କୁ ମାର୍ଗଦର୍ଶନ କରି କହିଛନ୍ତି– 'ଅନେକ ମଣିଷଙ୍କ ଅବସ୍ଥା ସେହି ଅଜ୍ଞ କାଠହଣା ପରି। ନିଜ ଭିତରେ ମଣିଷ ହଜିଯାଇଛି। ବାହାର କଥା ଦେଖିବାକୁ ଏବଂ ବୁଝିବାକୁ ସାମର୍ଥ୍ୟ ହରାଇସାରିଛି। ଆଉ ଅହଂମୁକ୍ତ ନ ହେଲେ, ଅଜ୍ଞାନ ଅନ୍ଧକାର ମଧ୍ୟରୁ ନ ବାହାରିଲେ ପତନ ଅବଶ୍ୟମ୍ଭାବୀ ।'

ମୋ.୯୪୩୭୨୫୭୧୨୩

# ଆତ୍ମା-ପରମାତ୍ମା ଓ ପ୍ରେତାତ୍ମା



**ଅଆ-ପଣକିଆ**

**ବିଜୟ ଦାସ**

ରେ ଆତ୍ମନ, ନିଦ୍ରା ପରିହରି ଆତ୍ମା, ଏପରି ଗୀତର ପଙ୍‌କ୍ତିରୁ ଏହା ପ୍ରତିସିଦ୍ଧ ଯେ ନିଜର ଆତ୍ମା ହିଁ ନିଜକୁ ନିୟନ୍ତ୍ରଣରେ ରଖେ। ଶରୀର ଓ ଆତ୍ମା ଦୁଇଟି ହିଁ ଜୀବର ମୂଳ ପିଣ୍ଡ। କେହି କେହି ଆତ୍ମାକୁ ଜୀବନ ବୋଲି କହିଥାଆନ୍ତି। ତେବେ ଏହି ଆତ୍ମା କ'ଣ? ଏହା ହିଁ ତ ପରମାତ୍ମା ସହ ଯୋଗସୂତ୍ରକାରୀ ଏବଂ ଅନ୍ୟ ଅର୍ଥରେ ପରମାତ୍ମାଙ୍କଠାରୁ ଆତ୍ମାର ଅବଦାନ ଶରୀର ପାଇଁ। ଆତ୍ମଶୁଦ୍ଧି କରିବା ଅର୍ଥ ଆତ୍ମାକୁ ନିର୍ମଳ ରଖିବା। ଏହାର ଅନେକ ଅଙ୍ଗପ୍ରତ୍ୟଙ୍ଗ ଠିକ୍ ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ପରି। ଏହା ଅଦୃଶ୍ୟ। ଯେପରି ମନ, ବିବେକ ଇତ୍ୟାଦି। ଏହାର ଶାଖା ପ୍ରଶାଖାକୁ ପବିତ୍ର ରଖିଲେ ହିଁ ଆତ୍ମନିର୍ମଳ ରହେ। ଭାବ ମଧ୍ୟ ଅନ୍ୟ ଏକ ଅଂଶ। ସେ ଭାବର ମଧ୍ୟ ଅନେକ ପ୍ରଶାଖା। ଯେପରିକି ସ୍ନେହ, ପ୍ରୀତି ଓ କ୍ଷମା ଇତ୍ୟାଦି।

ଆମେ ପରମାତ୍ମା ଓ ପ୍ରେତାତ୍ମା ଉପରେ କିଛି ବୁଝିବା ଆଗରୁ ଆତ୍ମା ବିଷୟରେ ସବିଶେଷ ବୁଝିବା ନିତାନ୍ତ ଦରକାର। ଶରୀରର ବିଭିନ୍ନ ଦାବି ପୂରଣ କରିବା ଅବସରରେ ଆତ୍ମା ଯେପରି କଳୁଷିତ ହୋଇନଯାଏ, ସେଥକୁ ଧ୍ୟାନ ଦେବା ଆବଶ୍ୟକ। ସୁକର୍ମ କରି ପେଟ ପୋଷାଯାଇପାରେ ଓ ଅନ୍ୟାୟ ଉପାୟରେ ମଧ୍ୟ। ମାତ୍ର ସୁକର୍ମ ଅର୍ଜିତ ଧନ ହିଁ ଆତ୍ମାକୁ ମଧ୍ୟ ପରିଷ୍କାର ରଖେ । ଅନ୍ୟାୟ ଅନୀତିର ସୂତ୍ର ଆପଣେଇ ଯେତେ ଧନୀ ହେଲେ ମଧ୍ୟ ଆତ୍ମାକୁ ଶାନ୍ତି ଦିଏ ନାହିଁ । ହୁଏତ ଶରୀରକୁ ଆରାମ ଲାଗିପାରେ । ଅନ୍ୟପକ୍ଷରେ ଶରୀରର କଷ୍ଟ ହେଲେ ଯଦି ଆତ୍ମାକୁ ପବିତ୍ର କରିହୁଏ, ତାହାହେଲେ ସେ କଷ୍ଟ ସେ ଦୁଃଖ, ସୁଖରେ ପରିଣତ ହୋଇଥାଏ । ଋଷିମୁନିମାନଙ୍କର ତପସ୍ୟା ଏଥକୁ ଯଥେଷ୍ଟ ଉଦାହରଣ। ଧ୍ୟାନବଳରେ ନିଶ୍ଚେ ଆମେ ଆତ୍ମାକୁ ପରମାତ୍ମାଙ୍କ ସହ ଯୋଗ କରିପାରିବା ବୋଲି ସାଧୁସନ୍ଥଙ୍କର ଉପଦେଶ।

ଆତ୍ମା ଏପରି ଏକ ଅଦୃଶ୍ୟଶକ୍ତି, ଯାହାର ସାହାଯ୍ୟରେ ଶରୀର ଭିତରେ ମଧ୍ୟ ଅପୂର୍ବ ଶାନ୍ତି ଓ ଶକ୍ତି ଉଭୟ ଆସିଯାଏ। ଯେପରି ଅକ୍ଳାନ୍ତ ପରିଶ୍ରମ ପରେ ବିଶ୍ରମଜନିତ ସ୍ଥିରତା ଆସେ ସେହିପରି ଆତ୍ମାର ଅନୁଶୀଳନରେ ପ୍ରଶାନ୍ତିର ଆନନ୍ଦ ଉପଲବ୍ଧ ହୁଏ । ହୁଏତ ଆମେ ନିଜର ଆତ୍ମାକୁ ଅନୁଭବ କରିପାରନ୍ତି ନାହିଁ । କିନ୍ତୁ ଅନ୍ୟର ଆତ୍ମାକୁ ବୁଝିପାରୁ ବୋଲି ଦାନୀ ଦୟାଳୁ ବୋଲାଇଥାଉ। ଏହା ଏକ ଇଚ୍ଛା, ପବିତ୍ର ମାନସିକତା ଓ ସୁକର୍ମର ସୁନିୟନ୍ତ୍ରକ । ଆତ୍ମା କାନ୍ଦୁଛି ବା ଆତ୍ମା ଡାକୁଛି ବୋଲି କହିବାର ଅର୍ଥ କାନ୍ଦିବା ଏକ ଭାବ ଓ ନିରବରେ ଡାକିବା ଏକ ଭାବ ଯାହାକି ଶରୀରର ଅଙ୍ଗ ଦ୍ୱାରା ପ୍ରକାଶ ପାଏ। ଏଥକୁ ଶରୀର ଓ ଆତ୍ମା ଏକାକାର ବୋଲି ବୁଝିବାରେ ବିଜ୍ଞତାର ପରିଚୟ ।

### ପରମାତ୍ମା

ଭଗବାନ ହିଁ ପରମାତ୍ମା । ଭଗବତ୍ ସତ୍ତା ପୁଣି କ'ଣ? ଯାହାକି ଭଗବାନଙ୍କୁ ଭିନ୍ନ ଭିନ୍ନ ରୂପରେ ପ୍ରତିପାଦିତ କରୁଛି । ବୈଜ୍ଞାନିକ ତଥ୍ୟ ଅନୁଯାୟୀ ଶୂନ୍ୟରେ God particle ବା ଜାଜ୍ୱଲ୍ୟମାନ ଐଶ୍ୱରିକ କଣିକା ଉପରେ ବିଶ୍ୱାସ ବଳବତ୍ତର ହେଉଛି । ଏହା ଶୂନ୍ୟରୁ ପୁଣି ପୃଥିବୀକୁ ପ୍ରବେଶ ପ୍ରସ୍ଥାନ କରୁଛି । ମଣିଷ ତ ଏମିତିରେ ଭୌତିକ ବିଶ୍ୱାସରେ ତା'ର ଅନେକ ରୂପକଳ୍ପ କରିସାରିଛି । ବିଶ୍ୱାସରୁ ହେଉ ବା ଅନ୍ଧବିଶ୍ୱାସରୁ ହେଉ। କଣିକାରୁ ରଶ୍ମୀ, ରଶ୍ମୀରୁ ସ୍ୱରୂପ । ପୁଣି ସ୍ୱରୂପରୁ ବିକେନ୍ଦ୍ରୀକରଣରେ ରଶ୍ମୀ ଓ ରଶ୍ମୀର ଭାଗ ଭାଗରୁ କଣିକା । ଜୀବନ ନୁହେ ଜୀବନ ଭିତରେ ଥିବା ଆତ୍ମା ସହ ପରମାତ୍ମାର ସଂଯୋଗ । ନଚେତ୍ ପରମାତ୍ମାରୁ କଣିକାମୟ ହୋଇ ଆତ୍ମା ସବୁ ।

ଏସବୁ ଆଧ୍ୟାତ୍ମିକ ତତ୍ତ୍ୱକୁ ବିଶ୍ଳେଷଣ କଲାଭଳି ସାମର୍ଥ୍ୟ ଆମର ନାହିଁ । କିନ୍ତୁ ଆଖି ଦେଖୁଥିବା ଆଲୋକ, କାନ ଶୁଣୁଥିବା ଓ ମୁଖ ନିଃସୃତ ଶବ୍ଦ ଏସବୁ ତ କଣିକା । ଆଲୋକ କଣିକା ଓ ଶବ୍ଦ କଣିକା। ଏଥକୁ ପରମାତ୍ମାଙ୍କ ସହ ଆତ୍ମାର କଥାବାର୍ତ୍ତା ଏବଂ ଆତ୍ମା ସହଜୀବନର ବାର୍ତ୍ତାଳାପ କ'ଣ ଜୀନ୍ତ ଶରୀର ପାଖରେ ଅପହୁଞ୍ଚ? ନା, କଦାପି ନୁହେଁ । ଏକେତ ଆତ୍ମା କ'ଣ କରିବାକୁ ଚାହେଁ ତାହା ଜୀବନକୁ କହୁଛି ଏବଂ ଜୀବନ ପୁଣି ଦେହ ଦ୍ୱାରା କରାଉଛି । ବିପରୀତ ପ୍ରକ୍ରିୟାରେ କାର୍ଯ୍ୟ କଳାପରେ ଜୀବନ ଜଣାଉଛି ଆତ୍ମାକୁ ଏବଂ ଆତ୍ମା ବୁଝାଉଛି ପରମାତ୍ମାଙ୍କୁ । ପରମାତ୍ମା ଏକ ବହୁବଚନୀୟ ଶବ୍ଦ ଏବଂ ଆତ୍ମା ଓ ଜୀବନ ଏକକ ଓ ସ୍ୱତନ୍ତ୍ର। ପରମାତ୍ମା ମଧ୍ୟ ଏକ ଆତ୍ମା। ଏହି ପରମ ଅର୍ଥ ଶ୍ରେଷ୍ଠ, ପ୍ରଧାନ, ସର୍ବୋତ୍ତମ। ଏହା ଆଦି ବା ପ୍ରଥମ ପୁଣି ଚରମରେ ବ୍ୟବହୃତ ।

ପୋଥି ପୁରାଣରେ ବହୁ ସମୟରେ ମୁନିଋଷିମାନଙ୍କୁ ଭଗବାନ୍ ବୋଲି ଉଚ୍ଚାରଣ କରାଯାଇଛି । ଏହାର ତତ୍ତ୍ୱ ସିଦ୍ଧି ପ୍ରାପ୍ତ ଯୁଗପୁରୁଷ ମଣିଷ ନିଶ୍ଚୟ ଆତ୍ମା ସହ ପରମାତ୍ମାକୁ ସଂଯୋଗ କରି ଦେବତ୍ୱର ପ୍ରତିଭାରେ ପ୍ରତିଭାବା ପରୋକ୍ଷରେ କହିପାରିବା, ତାଙ୍କ ଆତ୍ମା ଜୀବିତ ଅବସ୍ଥାରେ ମଧ୍ୟ ପରମାତ୍ମାରେ ହୀନ ହୋଇସାରିଛି । ତ୍ରିକାଳଦର୍ଶୀ ମୁନିମାନେ ନିଶ୍ଚୟ ଅତିମାନବ ଏବଂ ଏହି ଅତିମାନବ ହିଁ ଭଗବାନ । ବ୍ୟାସ ବଶିଷ୍ଠଙ୍କଠାରୁ ଅତ୍ରି ଅଙ୍ଗିରା ପର୍ଯ୍ୟନ୍ତ ସମସ୍ତେ ପରମାତ୍ମାଙ୍କର ସଂସର୍ଗ ପ୍ରାପ୍ତ। ପୁଣି ଅନେକଙ୍କର ସ୍ୱଦେହେ ସ୍ୱର୍ଗଯାତ୍ରା ଯେ କୁହେଳିକାକୁ ଦୂର କରେ ଏଇଥିପାଇଁ ଯେ ଦେହ ମାନବଧାରୀ, ଆତ୍ମା ଦେବଧାରୀ।

ଜ୍ୟୋତିର୍ମଣ୍ଡଳରେ ସ୍ୱକୀୟ ଜ୍ୟୋତିରେ ଉଦ୍ଭାସିତ ବିକିରିତ ଜ୍ୟୋତିଷ୍କ ପୁଞ୍ଜ ଭିତରେ, ସେ ସପ୍ତର୍ଷିମଣ୍ଡଳ ହେଉ କି ମିଲ୍କୱେ ହେଉ ତା' ଭିତରେ ଅନେକ ପରମାତ୍ମାମାନଙ୍କର ଉପସ୍ଥିତି ଆମ୍ଭେ ସ୍ୱୀକାର କରୁ । ଆଧ୍ୟାତ୍ମିକ ଚର୍ଚ୍ଚା ବାହାରେ ପୁଣି ସାଧାରଣମାନଙ୍କ କେବଳ କର୍ମଯୋଗରେ ମଧ୍ୟ ଭଗବାନ ଉପାଧି ପାଇଁ ଯୋଗ୍ୟ । ହୁଏତ ସ୍ୱଦେହ ଯାତ୍ରା ସ୍ୱର୍ଗକୁ ହୋଇଥାଇ ନ ପାରେ, ତଥାପି ମର୍ତ୍ତ୍ୟମଣ୍ଡଳରେ ଅତିମାନବର ପରିଚୟ ଦେଇସାରିଛନ୍ତି ବିନା ଆଧ୍ୟାତ୍ମିକ ଧ୍ୟାନଯୋଗରେ । ସେମାନଙ୍କର ଜଗତ କଲ୍ୟାଣ ପାଇଁ ବୈଜ୍ଞାନିକ ଆବିଷ୍କାର ଓ ଉଦ୍ଭାବନ, ଦାର୍ଶନିକ ତତ୍ତ୍ୱ ବିତରଣ, ଧର୍ମ ସଂସ୍ଥାପନ, ଶିକ୍ଷା ସଂସ୍କୃତିର ଅବଗାହନ ପ୍ରଥା ପରମ୍ପରାର ଉଦ୍‌ଘୋଷଣ ଇତ୍ୟାଦି ପରମାତ୍ମା ପ୍ରତି ନିଶ୍ଚୟ ତାଙ୍କୁ ନିକଟତର କରାଇଛି । ଆର୍ଯ୍ୟଭଟ୍ଟ, ଚରକଙ୍କ ଠାରୁ ଆରମ୍ଭ କରି ଶଙ୍କରାଚାର୍ଯ୍ୟ, ବୁଦ୍ଧ, ମହାବୀର, ଯୀଶୁଖ୍ରୀଷ୍ଟ ଓ ମହମ୍ମଦଙ୍କ ପର୍ଯ୍ୟନ୍ତ । ପୁଣି ଗାଲିଲିଓ, ଆର୍କମିଡିସଙ୍କଠାରୁ ମଦର ଟେରେସା, ଗାନ୍ଧି, ଗୋପବନ୍ଧୁଙ୍କ ପର୍ଯ୍ୟନ୍ତ । ଏଣୁ ମାନବ ଠାରୁ ଦାନବର ଦୂରତା ବେଶି ହୋଇପାରେ ମାତ୍ର ମାନବ ଠାରୁ ଦେବତ୍ୱର ଦୂରତା ଯେ କମ୍ ଏକଥା ବୁଝିନେବା ଉଚିତ୍ । ଏଠାରେ କିନ୍ତୁ ଗୋଟିଏ କଥା ପ୍ରତିସିଦ୍ଧ ଯେ କମ୍ ପରିଶ୍ରମରେ ବେଶି ଦୂରତାକୁ ଲଙ୍ଘି ହୋଇପାରେ, ମାତ୍ର ଦେବତ୍ୱର ଦୂରତା କମ୍ ହେଲେ ବି ଅନେକ ଶ୍ରମ ସାଧନା ଦରକାର ପହଞ୍ଚିବା ପାଇଁ । ଏଣୁ 'ଆତ୍ମନ, ନିଦ୍ରା ପରିହରି, ଫେନି ଚିନ୍ତାର ଲୋଚନ, କରକର ନିରୀକ୍ଷଣ, ନିଶଢେଜୀବନସ୍ରୋତ ଦାଉଁଛି କିପରି, ଲଙ୍ଘିବାକୁ ମୃତ୍ୟୁ ସିନ୍ଧୁ କରାଳ ଲହରିରେ ଆତ୍ମନ...

### ପ୍ରେତାତ୍ମା

ହଠାତ୍ କୌଣସି ଏକ ସଭାରେ ଏକାନ୍ତ ସମୀପରେ ଭେଟ ହେଲା ପ୍ରଖ୍ୟାତ କଥାକାର ଶାନ୍ତନୁ ଆଚାର୍ଯ୍ୟଙ୍କ ସହ। ନବେ ବର୍ଷର ଯୁବା ସମ ଦର୍ଶନାପ୍ଳୁତ ଭାବର ମଣିଷ ମୋତେ ପଚାରିଲେ, 'ତମେ ପ୍ରେତାତ୍ମାରେ ବିଶ୍ୱାସ କର । 'ନା', 'ହଁ'ର ଦ୍ୱନ୍ଦ୍ୱ ଭିତରେ ମୁଁ ହଁ କରିଦେଲି । କେବଳ ଏକ ଅନ୍ଧବିଶ୍ୱାସ ବିରୁଦ୍ଧରେ କିଛି ଶୁଣିବାକୁ ମାତ୍ର ମୋତେ ଚକିତ କରି ସେ କହିଲେ, 'ମୁଁ ବି ବିଶ୍ୱାସ କରେ, ମୁଁ ଅନୁଭବ କରିଛି ଏବଂ ଅନୁଭୂତି ସାଉଁଟିଥିବା ଅନେକ ଜ୍ଞାନୀ ବ୍ୟକ୍ତିଙ୍କୁ ଭେଟିଛି' । ତା'ପରେ ସେ ଆରମ୍ଭ କଲେ କରଞ୍ଜିଆ ଡାଏରୀରେ ଫର୍ଦ୍ଦ ଫର୍ଦ୍ଦ ଅନୁଭୂତି । ଅନ୍ଧବିଶ୍ୱାସ ଆଉ କ'ଣ କି? ସମ୍ପୂର୍ଣ୍ଣ ବିଶ୍ୱାସ ହିଁ ତ ଅନ୍ଧବିଶ୍ୱାସ । ଯାହାକି ଆଖିକୁ ଠିକ୍ ଲାଗୁନଥିବା ଓ ବନ୍ଦ ଆଖିକୁ ଠିକ୍ ଲାଗୁଥିବା ଏକ ଧ୍ୟାନ । ଏଠାରେ ଡାହାଣୀ, ଚିରିଗୁଣି, ଭୂତପ୍ରେତ ଉପରେ ଆତ୍ମା ରହିତ ମରିଚୀକାକୁ ବାସ୍ତବ ଜଳଧାରା ବୋଲି ପ୍ରତିପାଦିତ କରିବାର ପ୍ରୟାସ ନୁହେଁ କି ଏକ କାଳ୍ପନିକ ଭୁଲ୍ ପ୍ରତୀତ ତତ୍ତ୍ୱକୁ ସାର୍ବଜନୀନ କରିବାର ଇଚ୍ଛା ବି ନୁହେଁ । ତଥାପି କେହି କେହି କୁହନ୍ତି ଅପୂର୍ବ ଅନୁଭୂତିର କଥା । ଠିକ୍ ଯେପରି ଭଗବତ୍ ସତ୍ତାର ଅନୁଭବ, ସେହିପରି ପ୍ରେତାତ୍ମାମାନଙ୍କ ସୂକ୍ଷ୍ମ ସ୍ପର୍ଶ ।

କଥାଟା ମୃତ ମଣିଷର ଅତୃପ୍ତ ଆତ୍ମାର । ଆତ୍ମା ତ ମୃତ୍ୟୁ ପରେ ପରମାତ୍ମାଙ୍କ ସହ ଲୀନ ହୋଇଯାଏ ନଚେତ୍ ପୁନର୍ଜନ୍ମର ବିବାସରେ ଅନ୍ୟ ଏକ ଜୀବସତ୍ତାକୁ ଚାଲିଯାଇଥାଏ ସମ୍ପୂର୍ଣ୍ଣ ଭାବେ । ହେଲେ ଆତ୍ମାର କ'ଣ ଏମିତି ଅତୃପ୍ତି ରହିଲା ଯେ ସେ ପ୍ରେତାତ୍ମା ବୋଲାଇଲା? ପ୍ରକୃତରେ ଏହା ତ ଅତୃପ୍ତ ଦେହର ବା ମାନବଶରୀରର ଇଚ୍ଛା ସବୁ । ତା' ନହେଲେ ପ୍ରେତାମାର କଳେବର ଶରୀର ରୂପୀ ବୋଲି ଅନୁଭବ କହନ୍ତେ କିପରି? ପୁଣି ଯୁକ୍ତି ଆସେ ହୁଏତ ମୃତ୍ୟୁ ପରେ ଆତ୍ମା ସଙ୍ଗେ ସଙ୍ଗେ ପରମାତ୍ମାରେ ଲୀନ ହୁଏ ନାହିଁ ବା ପୁନର୍ଜନ୍ମ ଲାଭ କରେ ନାହିଁ । ମହାନ୍ ମଣିଷମାନଙ୍କର ଆତ୍ମା ସଙ୍ଗେ ସଙ୍ଗେ ପରମାତ୍ମାରେ ଲୀନ ହୁଏ ଆଉ ଅଶାନ୍ତ, ଅପରିତୃପ୍ତ ଓ ଖଳ ମଣିଷର ଆତ୍ମାମାନ ତତ୍‌କ୍ଷଣାତ୍ ପବିତ୍ର ପରମାତ୍ମାରେ ମିଶିପାରେ ନାହିଁ । ସେମାନଙ୍କୁ ଧାଡ଼ି ଯାତ୍ରାରେ ଅପେକ୍ଷା କରିବାକୁ ପଡ଼େ ଅନେକ ସମୟ ପାଇଁ ।

ଏହି ପ୍ରେତାତ୍ମାମାନେ ଇଥରେ ବିଚରଣ କରନ୍ତି ମଣିଷର ମୃତ୍ୟୁ ପରେ । ସ୍ୱର୍ଗ ଆଉ ମର୍ତ୍ତ୍ୟ ମଝିରେ ଝୁଲୁଝୁଲୁ କେତେବେଳେ ମର୍ତ୍ତ୍ୟ ଆଡ଼େ ଶୂନ୍ୟରେ ବୁଲାବୁଲା କରନ୍ତି ଏବଂ ଇଚ୍ଛିତ ଜୀବିତମାନଙ୍କ ପାଖରେ ନିଜର ଝଲ୍‌ସା ଦେଖାନ୍ତି । ଏହା ଭୟ ଦେଖାଇବା ହେଉ, କିଳିକିଳା ଶବ୍ଦ ତରଙ୍ଗ ହେଉ କି ଅସ୍ୱାଭାବିକ କାରନାମା ସବୁ ଦେଖାଇବା ହେଉ । ଯେ ଏକ ଜ୍ୱଳନ୍ତ ଅବସ୍ଥା । ବିଚଳିତ ହେବାର ଲକ୍ଷଣ । କେବେ କେବେ ଅନ୍ୟ ଜୀବନ୍ତ ଦେହରେ ସବାର ହେବା ବା ପ୍ରଭାବିତ କରିବାର ବିଲକ୍ଷଣ ମାନ ଦେଖାଯାଏ । ପ୍ରକୃତରେ ଐନ୍ଦ୍ରଜାଲିକର ଯାଦୁ ପରି ଏକ ଅବଚେତନ ମନ ଭିତରେ ଏସବୁ ଆତ୍ମା ପ୍ରବେଶ କରେ ଏବଂ ନିଜର ପାଳି ଆସିଲେ ପ୍ରେତାତ୍ମାରୁ ପରମାତ୍ମାରେ ମିଶିଯାଏ ।

ବାସ୍ତବତାରେ ସ୍ମୃତିସବୁ ପ୍ରେତାତ୍ମା । ସେ ସ୍ମୃତି ସବୁ ନକରାତ୍ମକ କାର୍ଯ୍ୟଶୈଳୀର । ଅପରିପକ୍ୱ ଅବସ୍ଥାର ମୃତ୍ୟୁରେ ନିଶ୍ଚୟ ଆମେ ଅନୁଭବ କରନ୍ତି ବେଶି ବେଶି ସେହି ମୃତ ମଣିଷର ଉପସ୍ଥିତି । ପରିପକ୍ୱ ବୃଦ୍ଧ ମଣିଷର ସ୍ୱାଭାବିକ ମୃତ୍ୟୁରେ ସେମିତି କିଛି ବିଲକ୍ଷଣ ଅନୁଭୂତ ହୁଏ ନାହିଁ । ଏହା ନିଶ୍ଚୟ ବିବାଦୀୟ । ତଥାପି ଯଦିବା କେଉଁଠି କେମିତି କିଛି ବି ସତ୍ୟତା ଥାଏ, ତାହା ହେଲେ ପ୍ରେତାତ୍ମାର କାରନାମା କେବେହେଁ ନକରାତ୍ମକ ନୁହେଁ । କାରଣ ସେ ତ ତା' ପାପର ପ୍ରାୟଶ୍ଚିତ କରୁଛି ଭଲ ମାର୍ଗଦର୍ଶନ କରାଇ । ଏଣୁ ଭୟ କରିବାର ନାହିଁ । ଅସଲରେ ଭୂତମାନେ ତ ଅତୀତ । ସେ ଭୂତକୁ ମନେପକାଇ ନିଜକୁ ସୁଧାରିବାର ଅଛି । ମାନେ ପର ପିଢ଼ିକୁ । ଭୂତ ଏକ ସ୍ମୃତି, ପ୍ରେତାମା ସେହି ସ୍ମୃତିର ଛାଇ ।

*ଅନନ୍ତବିହାର, ଫେଜ୍–୨, ପୋଖରୀପୁଟ, ଭୁବନେଶ୍ୱର*
*ମୋ. ୯୩୪୮୮୯୩୭୫୨*

# ପ୍ରଦୂଷଣ, ଦିଲ୍ଲୀ ଓ କୃତ୍ରିମ ବର୍ଷା

**■ ନିରଞ୍ଜନ ମେକାପ ■**

ପ୍ରଦୂଷଣ କହିଲେ ପ୍ରାକୃତିକ ପରିବେଶରେ ପ୍ରଦୂଷକ ପଦାର୍ଥର ଉପସ୍ଥିତି, ଯାହା ସ୍ୱାଭାବିକ ପ୍ରକୃତିରେ ପ୍ରତିକୂଳ ପରିବର୍ତ୍ତନ ଆଣିଥାଏ । ପ୍ରଦୂଷଣ ରାସାୟନିକ ପଦାର୍ଥ ବା ଶକ୍ତିର ରୂପ ନେଇପାରେ, ଯେପରିକି ଶବ୍ଦ, ଉତ୍ତାପ ଓ ଆଲୋକ, ପ୍ରଦୂଷଣ ପ୍ରାୟତଃ ଏକ ନିର୍ଦ୍ଦିଷ୍ଟ ଉତ୍ସ ବା ବହୁ ଉତ୍ସ ଜନିତ ପ୍ରଦୂଷଣ ଭାବରେ ଶ୍ରେଣୀଭୁକ୍ତ ହୋଇଥାଏ । ଏହି ପ୍ରଦୂଷଣର ମୁଖ୍ୟ ରୂପ ଗୁଡିକ ହେଲା ବାୟୁ ପ୍ରଦୂଷଣ, ଆଲୋକ ପ୍ରଦୂଷଣ, ଆବର୍ଜନା ପ୍ରଦ୍ୟୁଷଣ, ଶବ୍ଦ ପ୍ରଦ୍ୟୁଷଣ, ମୃତ୍ତିକା ପ୍ରଦୂଷଣ, ରେଡିଓ ଆକ୍ଟିଭ୍ ପ୍ରଦୂଷଣ, ଦୃଷ୍ଟି ପ୍ରଦୂଷଣ ଓ ଜଳ ପ୍ରଦ୍ୟୁଷଣ ଇତ୍ୟାଦି । ୨୦୧୫ ମସିହାରେ ପ୍ରଦୂଷଣ ପାଇଁ ପୃଥିବୀରୁ ପ୍ରାୟ ୯ ନିୟୁତ ଲୋକ ପ୍ରାଣ ହରାଇଥିଲେ । ୨୦୧୦ ମସିହାରେ ରିପୋର୍ଟ ଅନୁଯାୟୀ ପ୍ରତିବର୍ଷ ପ୍ରଦୂଷଣ ପାଇଁ ଚୀନରେ ୧.୨ ନିୟୁତ ଲୋକ ମୃତ୍ୟୁମୁଖରେ ପଡନ୍ତି ଓ ୨୦୧୩ ମସିହା ଭାରତରେ କେବଳ ଜଳ ପ୍ରଦୂଷଣ ପାଇଁ ୧୫୩୫ ଜଣଙ୍କର ଅକାଳ ମୃତ୍ୟୁ ହୋଇଥିଲା । ୨୦୦୭ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ଅନୁଯାୟୀ ପ୍ରତିବର୍ଷ ପ୍ରଦୂଷଣ ପାଇଁ ଭାରତବର୍ଷରେ ଅଢେଇ ଲକ୍ଷ ଲୋକ ଅକାଳ ମୃତ୍ୟୁର ସମ୍ମୁଖୀନ ହୋଇଥାଆନ୍ତି । ଏକ ଅଧ୍ୟୟନରୁ ଜଣାପଡେ ଯେ ସର୍ବାଗ୍ରେ ବିକାଶଶୀଳ ରାଷ୍ଟ୍ର ଭାବରେ ବିବେଚିତ ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରଦୂଷଣ ପାଇଁ ପ୍ରତିବର୍ଷ ୫୦,୦୦୦ରୁ ଅଧିକ ଲୋକ ମରିଥାଆନ୍ତି ।

ବିଭିନ୍ନ ପ୍ରକାର ପ୍ରଦୂଷିତ ଅବସ୍ଥା ବାୟୁ ମଣ୍ଡଳକୁ ହିଁ ପ୍ରଭାବିତ ହୋଇଥାଏ, ଯାହା ମନୁଷ୍ୟ ବଞ୍ଚିବା ପାଇଁ ମୁଖ୍ୟ ଘାତକ ରୂପ ନିଏ। ଆଜି ଭାରତଦେଶର ହୃଦୟ ସ୍ୱରୂପ ମହାନଗର ଦିଲ୍ଲୀ ବାୟୁ ପ୍ରଦୂଷିତ ମହାମାରୀ ସ୍ରୋତରେ ଉବୁଟୁବୁ। ୧୪୮୩ ବର୍ଗ କିମି ପରିମିତ ଦିଲ୍ଲୀ ଇଲାକାରେ ବାସ କରୁଥିବା ସାଢେ ତିନିକୋଟିରୁ ଊର୍ଦ୍ଧ୍ୱ ଜନତା ଶ୍ୱାସରୁଦ୍ଧ ହେବାକୁ ଯାଉଅଛନ୍ତି । ଏହି ବାୟୁ ପ୍ରଦୂଷଣ ପାଇଁ ଦ୍ରୁତ ଓ ଅତ୍ୟଧିକ ସଂଖ୍ୟାରେ ଲୋକମାନେ ହିଁ ମୁଖ୍ୟତଃ ଦାୟୀ । ଅଧିକନ୍ତୁ ଏଇ ଲୋକମାନଙ୍କ ପାଇଁ କଳକାରଖାନା ଧୂଆଁ, ମୋଟରଯାନ, ବ୍ୟବହୃତ ପ୍ଲାଷ୍ଟିକ ସାମଗ୍ରୀ, ଶବ୍ଦ ପ୍ରଦୂଷଣ ଓ ମୃତ୍ତିକା ପ୍ରଦୂଷଣ ଇତ୍ୟାଦି ବାୟୁମଣ୍ଡଳକୁ ତିଳତିଳ କରି ପ୍ରଦୂଷିତ କରି ପ୍ରାଣଘାତୀ ସାଜିଛି ଏବଂ ସହରର ବିକାଶ ପରିପ୍ରେକ୍ଷୀରେ ସବୁଜ ବନାନୀର ହ୍ରାସତା ପାଇଁ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ବିକଳ୍ପ ପନ୍ଥା କାହାର ପାଖରେ ନାହିଁ ।

**ଦ୍ରୁତ ଜନସଂଖ୍ୟା ବୃଦ୍ଧି:** ଭାରତ ମାନଚିତ୍ରର ୨୮° ୬୧ ଉତ୍ତର ଅକ୍ଷାଂଶ ଠାରୁ ୭୭°୨୩ ପୂର୍ବ ଦ୍ରାଘିମା ମଧ୍ୟରେ ସୀମାବଦ୍ଧ ୧୪୮୩ ବର୍ଗ କିମି ପରିମିତ ଭୂଖଣ୍ଡ ହେଉଛି ସାମ୍ପ୍ରତିକ ଦିଲ୍ଲୀ ରାଜ୍ୟ। ଏଥିରେ ରହିଛି ୧୧ ଗୋଟି ଜିଲ୍ଲା ଓ ଏହାର ପଶ୍ଚିମ, ଉତ୍ତର ଦକ୍ଷିଣରେ ରହିଛି ହରିଆନା ରାଜ୍ୟ ଏବଂ ପୂର୍ବରେ ରହିଛି ଉତ୍ତରପ୍ରଦେଶ । ଏହାର ଲମ୍ବ ୫୧.୯ କିମି ଓ ପ୍ରସ୍ଥ ୪୮.୪୮ କିମି । ମୋଟାମୋଟି ଭାବେ ଦିଲ୍ଲୀ ରାଜ୍ୟକୁ ୪ ଗୋଟି ଅଞ୍ଚଳରେ ବିଭକ୍ତ କରାଯାଇଛି। ୧) ଜାତୀୟ ରାଜଧାନୀ ଅଞ୍ଚଳ (ଏନ.ସି.ଆର) ୨) ଫରିଦାବାଦ ୩) ଗୁରୁଗାଁ ୪) ନୋଇଡା। ପୁଣି ଭୌଗୋଳିକ ସ୍ଥିତି ଅନୁଯାୟୀ ଏହା ଦୁଇ ଅଞ୍ଚଳରେ ବିଭକ୍ତ– ଦିଲ୍ଲୀ ପାହାଡିଆ ଉଚ୍ଚଭୂମି, ଯାହାର ଅବସ୍ଥିତି ହେଉଛି ସମୁଦ୍ର ଠାରୁ ୧୮୦ମିଟରରୁ ୩୦୬ ମିଟର ଉଚ୍ଚ ଓ ଯମୁନା ଉପଧୌତ ସମତଳ ଅଞ୍ଚଳ । ସମୁଦ୍ର ଠାରୁ (ଆରବସାଗର) ଦିଲ୍ଲୀର ଦୂରତା ୧୧୮୭ ଓ ବଙ୍ଗୋପ ସାଗର ଠାରୁ ୧୨୦୦ କିମି ଅଟେ । ୧୨ଶ ଶତାବ୍ଦୀ ଠାରୁ ଦିଲ୍ଲୀ ଭାରତ ବର୍ଷର ରାଜଧାନୀ । ତେବେ ୧୯୧୧ ମସିହା ଡିସେମ୍ବର ୧୩ ତାରିଖରେ ଇଂରେଜ ସରକାର ବା ଇଂଲଣ୍ଡ ରାଜା ପଞ୍ଚମଜର୍ଜ ବିଧିବଦ୍ଧ ଭାବେ ରାଇସିନା ପାହାଡିଆ ଅଞ୍ଚଳରେ ଥିବା ୬୦୦୦ ଏକର ଜମି ବା ୪୨.୭ ବର୍ଗ କିମି ଅଞ୍ଚଳରେ ନୂଆ ରାଜଧାନୀ ପ୍ରତିଷ୍ଠା କରିବା ପାଇଁ ଘୋଷଣା କଲାପରେ ଦୁଇ ଗୋରା ସ୍ଥପତି ଏଡୱଇନ୍ ଓ ହରବର୍ଗ ପ୍ରାୟ ୧୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିମୟରେ ନୂଆଦିଲ୍ଲୀ ରାଜଧାନୀ ନିର୍ମାଣ କଲାପରେ ୧୩ ଫେବୃୟାରୀ ୧୯୩୧ ମସିହା ଉଦ୍‌ଘାଟିତ ହୋଇଥିଲା। ତେବେ ସେହି ସମୟରେ ଦିଲ୍ଲୀର ଲୋକସଂଖ୍ୟା ଥିଲା ୨ ଲକ୍ଷ ୪୦ ହଜାର ମାତ୍ର। ୧୯୪୧ ରେ ଥିଲା ୯ ଲକ୍ଷ ୧୭ ହଜାର, ୧୯୪୭ ମସିହାରେ ସ୍ୱାଧୀନତା ସମୟରେ ଯେଉଁ ହିନ୍ଦୁ ମୁସଲମାନ ବିବାଦ ପାଇଁ ସ୍ଥାନାନ୍ତରିତ ହେଲେ ସେତେବେଳେ ଦିଲ୍ଲୀର ଲୋକସଂଖ୍ୟା ଥିଲେ ୬ ଲକ୍ଷ ୯୬ ହଜାର। କିନ୍ତୁ ପାକିସ୍ତାନରୁ ଆସିଥିବା ଶରଣାର୍ଥୀମାନେ ଦିଲ୍ଲୀରେ ପ୍ରବେଶ କଲାପରେ ୧୯୫୦ ମସିହାରେ ଲୋକସଂଖ୍ୟା ହେଲା ୧୪ ଲକ୍ଷ। ଏହାପର ଠାରୁ ୧୯୫୧ ରୁ ୧୯୯୧ ଓ ୧୯୯୧ ରୁ ୨୦୦୧ ମଧ୍ୟରେ ୧୩ ଲକ୍ଷରୁ ୧୭ ଲକ୍ଷ ଦିଲ୍ଲୀକୁ ଆସିଥିଲେ। ଏହାପରେ ୨୦୦୯ ମସିହା ଠାରୁ ୨୦୨୧ ଯାଏ ୨୮ ଲକ୍ଷ ତିନି ହଜାରରୁ ଅଧିକ ଲୋକ ବାହାରୁ ଆସିବା, ଝିଅମାନଙ୍କର ବିବାହ, ଚାକିରି, ଶିକ୍ଷା, କଳକାରଖାନାରେ କାର୍ଯ୍ୟ କରୁଥିବା ଲୋକଙ୍କ ଆଗମନ ଫଳରେ ଆଜି ୨୦୨୫ ମସିହାରେ ଦିଲ୍ଲୀରେ ଲୋକସଂଖ୍ୟା ୩ କୋଟି ୩୮ ଲକ୍ଷ। ଅର୍ଥାତ ପ୍ରତି ବର୍ଗ କି.ମିରେ ରହୁଛନ୍ତି ୧୧ ହଜାର ୨୯୭ ଜଣ। ୧୯୧୧ ମସିହାରେ ଦିଲ୍ଲୀ ସହରରେ ରହୁଥିଲେ ୩.୪୦% ଓ ୨୦୨୫ ମସିହାରେ ରହୁଛନ୍ତି ୯୭.୫୦% ଲୋକ। ରାଜଧାନୀ ଅଞ୍ଚଳର ପ୍ରତିବର୍ଗ କିମିରେ ରହୁଛନ୍ତି ୧୦୦୦ ଜଣ। ଯାହାର (ଏ.କ୍ୟୁ.ଆଇ) ଅନୁଯାୟୀ ପ୍ରଦୂଷଣ ୨୯୪ ରୁ ୩୬୦ । ଅଧିକନ୍ତୁ ୩୮୮୬୩ ବର୍ଗ କିମି ପରିମିତ କେରଳ ରାଜ୍ୟର ଲୋକସଂଖ୍ୟା ଦିଲ୍ଲୀ ସହିତ ପ୍ରାୟ ସମାନ ଓ ଏଠାରେ ପ୍ରତି ବର୍ଗ କିମିରେ ରହୁଛନ୍ତି ୮୯୦ ଜଣ ମାତ୍ର ରାଜଧାନୀ ଦିଲ୍ଲୀର ପୂର୍ବପାଖରେ ପ୍ରଦୂଷଣ (ଏ.କ୍ୟୁ.ଆଇ) ୩୯୪ ବେଳେ ଉତ୍ତର ପଶ୍ଚିମ ଜିଲ୍ଲା ଗୁଡିକର (ଏ.କ୍ୟୁ.ଆଇ) ୪୫୦ ରୁ ଅଧିକ। ବିଶେଷ କରି ଆଲିପୁର, ୱାଜିରପୁର ଏବଂ ଜାହାଙ୍ଗୀରବାଦ ଅଞ୍ଚଳରେ ପ୍ରତିବର୍ଗ କିମିରେ ୧୭ ହଜାର ୬୫୨ ଜଣ ଠାରୁ ୩୬.୭୫୮ ଜଣ ପର୍ଯ୍ୟନ୍ତ ଲୋକ ବାସ କରୁଛନ୍ତି। କଳକାରଖାନା, ରେଳଷ୍ଟେସନ, ଜାତୀୟ ରାଜପଥ ଅଞ୍ଚଳରେ ଅବସ୍ଥିତ ଏହି ଅଞ୍ଚଳରେ (ଏ.କ୍ୟୁ.ଆଇ) ସମ୍ପ୍ରତି ସବୁଠାରୁ ଅଧିକ ଅର୍ଥାତ୍ ୪୫୦ ରୁ ୫୦୦ ପାଖାପାଖି। ଏଥିରୁ ଅନୁମେୟ ଦ୍ରୁତ ଓ ଘନ ଜନସଂଖ୍ୟା ହିଁ ପ୍ରଦୂଷଣର ଏକ ମୁଖ୍ୟ କାରଣ।

**ବ୍ୟବହୃତ ଗାଡି ମୋଟର ଓ କଳକାରଖାନା ଧୂଆଁ:** ଶିଳ୍ପ ଓ ମୋଟରଯାନ ଦ୍ୱାରା ଉତ୍ପାଦିତ ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ହାଇଡ୍ରୋକାର୍ବନ ସୂର୍ଯ୍ୟ ରଶ୍ମିରେ ପ୍ରତିକ୍ରିୟାଶୀଳ ହୋଇ ଫଟୋ କେମିକାଲ ଓଜୋନ ଓ ଧୂଆଁ ସୃଷ୍ଟି କରି ସୂକ୍ଷ୍ମ ଧୂଳି (ମାଇକ୍ରୋମିଟର)କୁ ବାୟୁମଣ୍ଡଳକୁ ଛାଡିଦିଏ, ଯାହା ବାୟୁମଣ୍ଡଳକୁ ଅତିମାତ୍ରାରେ ପ୍ରଦୂଷିତ କରିଥାଏ। ଗୋଟିଏ ମୋଟର ଯାନ ଆନୁମାନିକ ପ୍ରତିଦିନ ୧୩.୨ ପାଉଣ୍ଡ (୬ କି.ଗ୍ରା) ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗତ କରିଥାଏ। ରିପୋର୍ଟ ଅନୁଯାୟୀ ଦିଲ୍ଲୀ ସହର ଭିତରକୁ ପ୍ରତିଦିନ ୧୧ ଲକ୍ଷ ଗାଡି ଯାତାୟତ କରେ। ୨୦୨୩ ମସିହା ମାର୍ଚ୍ଚ ୩୧ ତାରିଖ ରିପୋର୍ଟ ଅନୁଯାୟୀ ଦିଲ୍ଲୀବାସୀଙ୍କ ନିକଟରେ ୮୦ ଲକ୍ଷ ମୋଟରଯାନ ରହିଥିଲା। ସେଥିମଧ୍ୟରୁ ୨୦ ଲକ୍ଷ ୭୦ ହଜାର ସାଧାରଣ ଲୋକଙ୍କର, ଅନ୍ୟଗୁଡିକ ସରକାରୀ ଓ ବିଦେଶୀ ପର୍ଯ୍ୟଟକମାନଙ୍କର। ୨୦୨୧ ମସିହା ରିପୋର୍ଟ ଅନୁଯାୟୀ ୨୦୨୧ ମସିହାରେ ଦିଲ୍ଲୀକୁ ୨.୧୬ ଲକ୍ଷ ଦେଶ ଲୋକ ଓ ୧୦ ଲକ୍ଷ ବିଦେଶୀ ଆସିଥିଲେ। ପ୍ରତିଦିନ ଦିଲ୍ଲୀରେ ୩୦% ଅଙ୍ଗାରକାମ୍ଳ ଗ୍ୟାସ ଏହି ଯାନ ଗୁଡିକରୁ ନିର୍ଗତ ହୋଇ ବାୟୁମଣ୍ଡଳକୁ ଦୂଷିତ କରିଥାଏ।

**ପ୍ଲାଷ୍ଟିକ ପ୍ରଦୂଷଣ:** ପ୍ରତିଦିନ ଦିଲ୍ଲିରେ ୧.୧୦୦ ଟନ୍ ପ୍ଲାଷ୍ଟିକ୍ ବର୍ଯ୍ୟବସ୍ତୁ ବାହାରିଥାଏ। ଏହା ବ୍ୟତୀତ ୬୩୫ ଟନ୍ ବ୍ୟକ୍ତିଗତ ବ୍ୟବହୃତ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ରହିଅଛି। ରିପୋର୍ଟ ଅନୁଯାୟୀ ପଲିଥିନ୍ ଓ ପ୍ଲାଷ୍ଟିକ୍ ପୋଡିବା ଦ୍ୱାରା ଯେଉଁ ପ୍ରଦୂଷଣ ଦିଲ୍ଲୀରେ ସୃଷ୍ଟି ହେଉଛି ତାହା ମନୁଷ୍ୟ ଦୃଷ୍ଟିଶକ୍ତିକୁ ପ୍ରାୟ ୫୦% ପର୍ଯ୍ୟନ୍ତ ହ୍ରାସ କରୁଅଛି। ହିସାବ ଅନୁଯାୟୀ ସମୁଦାୟ ଦେଶରେ ଯେତେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପ୍ରତିଦିନ ବାହାରୁଅଛି ତାହାର ୬.୬୦% କେବଳ ଦିଲ୍ଲୀରୁ ବାହାରିଥିଲା ଯାହା ଭାରତ ପ୍ରଦୂଷଣର ପାଇଁ ୧.୫୦% ଦିଲ୍ଲୀ ହିଁ ଦାୟୀ।

**ଆବର୍ଜନା ପ୍ରଦୂଷଣ:** ନୂଆ ପକ୍କା ଘର ନିର୍ମାଣ, ଭଙ୍ଗା ରାସ୍ତା, ଗାଡିଘୋଡା ଦ୍ୱାରା ଉଡୁଥିବା ଧୂଳି ଓ ଗୋଡି, ଯାନ, ଘୋଡା ଆଦିଦ୍ୱାରା ସ୍ଥାନାନ୍ତରିତ ହେଉଥିବା ବସ୍ତୁଗୁଡିକରୁ ନିର୍ଗତ ଧୂଳି, ମଇଳା ଇତ୍ୟାଦି ଅତି ଭୟଙ୍କର ଭାବେ ଦିଲ୍ଲୀକୁ ପ୍ରଦୂଷିତ କରୁଛି। ଯାହାର ପରିମାଣ ହେଉଛି ପି.ଏମ୍–୧୦, ଯାହା ଶ୍ୱାସକ୍ରିୟାକୁ ଆଘାତ ପହଁଚାଇଥାଏ। ରିପୋର୍ଟ ଅନୁଯାୟୀ ୨୦୨୫ ମସିହା ଅକ୍ଟୋବର ସୁଦ୍ଧା ହଜାର ହଜାର ବ୍ୟକ୍ତିଗତ ହୋଟେଲ୍, ରେଷ୍ଟୁରାଂଟ ବହୁତଳ ପ୍ରାସାଦ ନିର୍ମାଣ ସହିତ ୧୮୪ ଗୋଟି ନୂତନ ସାଂସଦ ପ୍ରାସାଦ ନିର୍ମାଣ ଚାଲିଥିଲା, କିନ୍ତୁ ନଭେମ୍ବର ମାସରୁ ପ୍ରଦୂଷଣ ପାଇଁ ବନ୍ଦ ରହିଛି। ଦିଲ୍ଲୀର ଏସବୁ ରାଜକୀୟ ସରକାରୀ ଓ ବେସରକାରୀ ପ୍ରାସାଦ ନିର୍ମାଣ ପ୍ରାୟ ୫.୫୦% ଦାୟୀ ବାୟୁ ପ୍ରଦୂଷଣ ପାଇଁ।

**ମୃତ୍ତିକା ପ୍ରଦୂଷଣ:** କଳକାରଖାନା, ମ୍ୟୁନିସିପାଲିଟି ସଫେଇ, ଗୃହରୁ ନିର୍ଗତ ଦୂଷିତ ଜଳ, ଅତ୍ୟଧିକ ମୃତ୍ତିକା ଜଳ ନିଷ୍କାସନ, କୀଟନାଶକ ଔଷଧ ଓ ବିଭିନ୍ନ ଧାତୁର କ୍ଷୁଦ୍ରାଂଶ, ପଲିଥିନ୍ କ୍ଷେପଣ ଆଦି ମଧ୍ୟ ଦିଲ୍ଲୀ ମୃତ୍ତିକାକୁ ପ୍ରଦୂଷିତ କରୁଛି। ରାସ୍ତା ନିର୍ମାଣ ଜନିତ ଧୂଳିମାଟି ଯାହା ୬% ଦାୟୀ ହୁଏ ପି.ଏମ୍, ୧୦ ପାଇଁ ଏବଂ ରାସ୍ତା ନିର୍ମାଣ ଓ ଗୃହ ନିର୍ମାଣ ଧୂଳିମାଟି ପି.ଏମ୍.୫ ପାଇଁ ୩୮% ଦାୟୀ ଅଟେ ଏବଂ ମୃତ୍ତିକା ପ୍ରଦୂଷଣ, ଦିଲ୍ଲୀ ପ୍ରଦୂଷଣ ପାଇଁ ମୁଖ୍ୟତଃ ୨୫% ଦାୟୀ। ଏବର୍ଷ ଦିଲ୍ଲୀର ପୂର୍ତ୍ତ ବିଭାଗ ୧୪୦୦ କିଲୋମିଟର ରାସ୍ତା ନିର୍ମାଣ କରିଛି ଏବଂ ୫୦୦ କିମି ରାସ୍ତା ସଂପ୍ରସାରଣ କରିବାକୁ ଯାଇଁ ଏ ବର୍ଷ ୧୫୦ କିମି ରାସ୍ତା କାର୍ଯ୍ୟ ସରିଛି। ଦିଲ୍ଲୀସ୍ଥିତ ୧୫୨ କିମି ରାସ୍ତା ପାଇଁ ୮୦୩ କୋଟି ଟଙ୍କା ମଞ୍ଜୁର ହୋଇଥିଲା ଓ ୧୧, ୦୦୦ କୋଟି ଟଙ୍କା ଦ୍ୱାରକା ଏକ୍ସପ୍ରେସ୍ ଓ ଅର୍ବାନ ଏକ୍ସଟେସନ୍ ରୋଡ୍ ପାଇଁ ମଞ୍ଜୁର ହୋଇଥିଲା କିନ୍ତୁ ଏହି କାର୍ଯ୍ୟ ଦ୍ରୁତଗତିରେ ଚାଲିଥିଲାବେଳେ ପ୍ରଦୂଷଣ ପାଇଁ ସ୍ଥଗିତ ରହିଛି। ଦିଲ୍ଲୀ ପ୍ରଦୂଷଣ ପାଇଁ ୭ ରୁ ୩୦% ଦାୟୀ କେବଳ ରାସ୍ତା ନିର୍ମାଣ କାର୍ଯ୍ୟ ବୋଲି ପରିବେଶ୍‌ବିତ୍‌ମାନେ ମତ ଦିଅନ୍ତି।

ମୁଖ୍ୟତଃ ଏସବୁ ପ୍ରଦୂଷଣ ଜନିତ କାରଣ ପାଇଁ ଦିଲ୍ଲୀ ବାୟୁର ପ୍ରଦୂଷଣ ସୀମା ଉଲଘଂନ କରିଛି। କେବଳ ବାୟୁମଣ୍ଡଳ ନୁହେଁ, ଜଳ ପ୍ରଦୂଷଣ ମଧ୍ୟ ଦିଲ୍ଲୀରେ ଆଶାତୀତ ଭାବେ ବଢିଯାଇଛି, ଭୂତଳ ଜଳ ସହିତ ଯମୁନା ନଦୀର ଜଳ ମଧ୍ୟ ପ୍ରଦୂଷିତରେ ସୀମା ବାହାରେ। ସଂପ୍ରତି ଦିଲ୍ଲୀର କ୍ଷେତ୍ରଫଳ ୧୪୮୪ ବର୍ଗ କିମି ମଧ୍ୟରୁ ୧୧୧୩.୬୫ ବର୍ଗକିମି ହେଉଛି ସହର। ମାତ୍ର ୩୬୯.୩୫ ବର୍ଗକି.ମି ହେଉଛି ମଫସଲ ଓ ସହରର ଲୋକସଂଖ୍ୟା ୯୭.୫୦% ଓ ମଫସଲ ଲୋକ ସଂଖ୍ୟା ୨.୫% ମାତ୍ର।

**ସବୁଜ ବନାନୀର ହ୍ରାସତା:** ପ୍ରଦୂଷଣରୁ ରକ୍ଷା କରିବା ପାଇଁ ଦିଲ୍ଲୀ ମହାନଗରୀରେ ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ସମର୍ଥିତ ପ୍ରଚୁର ସବୁଜ ବୃକ୍ଷର ଘୋର ଅଭାବ ରହିଛି। ବିଶେଷକରି ନୂଆଦିଲ୍ଲୀ ରାଜଧାନୀ ଅଞ୍ଚଳଟି ପାହାଡିଆ ଉଚ୍ଚଭୂମିରେ ପରିପୂର୍ଣ୍ଣ। ୧୯୧୧ ମସିହାରେ କଳ୍ପିତ ଓ ୧୯୧୩ ମସିହାରେ ଇଂରେଜ ସରକାର ଦ୍ୱାରା ପ୍ରତିଷ୍ଠିତ ପ୍ରାୟ ୬୦୦୦ ଏକର ବା ୨୪.୨୮୧ ବର୍ଗକି.ମି ଉପରେ ରହିଥିବା ନୂଆ ରାଜଧାନୀ ଦିଲ୍ଲୀ ସହରର ମାଟିରେ ତତ୍‌କାଳରୁ ବି ବିଶେଷ କିଛି ବୃକ୍ଷ ବି ଜଙ୍ଗଲ ନଥିଲା। କେବଳ ଇଂରେଜ ସରକାର ନିଜର ଆଧିପତ୍ୟ ଓ ବଡିମା ଦେଖାଇବା ପାଇଁ କେରେକ ରାଜକୀୟ ପ୍ରାସାଦ ଏବଂ ଏହାର ସୌନ୍ଦର୍ଯ୍ୟକରଣ ପାଇଁ କେତେଗୋଟି ଆଧୁନିକ ବଗିଚା କରିଥିଲେ। ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ ସମୁଦାୟ ଦିଲ୍ଲୀ କ୍ଷେତ୍ରଫଳର ୧୩.୧୭% ଅଞ୍ଚଳରେ ରହିଛି ସାଧାରଣ ଜଙ୍ଗଲ, ଯାହାର ପରିମାଣ ହେଉଛି ୧୯୫.୨୫ ବର୍ଗ କି.ମି। ତେବେ ଏହା ବ୍ୟତୀତ ଆନୁମାନିକ ଭାବେ ସମଗ୍ର ରାଜ୍ୟରେ ୧୭୬ ବର୍ଗକିମିରେ ରହିଛି ଗଛ ଗୁଡିକ ରିପୋର୍ଟ ଅନୁଯାୟୀ ସମୁଦାୟ ରାଜ୍ୟ ଦିଲ୍ଲୀ ରହିଛି ୮ କୋଟି ୨୫ ଲକ୍ଷ ଗଛ। କିନ୍ତୁ ପରିବେଶ୍‌ବିତମାନଙ୍କ ସମୁଦାୟ ରାଜ୍ୟର ୩୩% ଅଞ୍ଚଳ ବା ୪୮୯.୭୨ ବର୍ଗକିମିରେ ରହିବ ଜଙ୍ଗଲ। ଯାହା ପ୍ରଦୂଷଣକୁ ପ୍ରତିହତ କରିବାକୁ ଅବଶ୍ୟ ସମର୍ଥ ହେବାର ସମ୍ଭାବନା ରହିଛି। ସରକାର ସମ୍ପ୍ରତି ନୂଆଦିଲ୍ଲୀ ଅଞ୍ଚଳରେ ମାତ୍ର ୪୮ ବର୍ଗକି.ମିରେ ଜଙ୍ଗଲ ଲଗାଇବାକୁ ନିଷ୍ପତ୍ତି ନେଇଅଛନ୍ତି।

**ଦିଲ୍ଲୀରେ କୃତ୍ରିମ ବର୍ଷା ଯୋଜନା:** ପ୍ରଦୂଷଣରୁ ତେବେ ଚୀନ୍, ଆମେରିକା ଓ ସଉଦିଆରବ ଆଦି ଦେଶଗୁଡିକ ସେହିପରି ବାୟୁମଣ୍ଡଳରେ ଘଟୁଥିବା ବିଭିନ୍ନ ବିପ୍ରାତରେ ନିରାକରଣ ପାଇଁ କୃତ୍ରିମ ବର୍ଷା କରିପାରୁଛନ୍ତି, ଉପରି କୃତ୍ରିମ ବର୍ଷା କରିବାର ପ୍ରୟାସ ୧୯୫୭ ମସିହ, ୧୯୭୨ ମସିହା ଓ ୨୦୦୩ ମସିହାରେ ଭାରତ ସରକାର ପଦକ୍ଷେପ ନେଇଥିଲେ ସୁଦ୍ଧା ଫଳପ୍ରଦ ହୋଇପାରିନଥିଲେ। ତେବେ ଦିଲ୍ଲୀ ସରକାର ସାମ୍ପ୍ରତିକ ଦିଲ୍ଲୀରେ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ କାନପୁରସ୍ଥିତ ଆଇ.ଆଇଟି ସଂସ୍ଥା ସହିତ ୩ କୋଟି ୨୧ ଲକ୍ଷ ଟଙ୍କା, ପାଂଚ ପର୍ଯ୍ୟାୟରେ କୃତ୍ରିମ ବର୍ଷା ପାଇଁ ଖର୍ଚ୍ଚ କରିବାକୁ ଚୁକ୍ତି କରିଥିଲେ। ଏହି ବର୍ଷା ପରୀକ୍ଷଣ ପାଇଁ ମଧ୍ୟ ଦିଲ୍ଲୀ ଜିଲ୍ଲାର ଯମୁନା ନଦୀ କୂଳସ୍ଥ ହିନ୍ଦୁ ବହୁଳ 'ବୁରାରୀ' ଅଂଚଳକୁ ନିଆଯାଇଥିଲା ଯେଉଁ ଅଂଚଳର କ୍ଷେତ୍ରଫଳ ହେଉଛି ୧୧.୨ ବର୍ଗ କି.ମି, ପ୍ରତିବର୍ଗ କି.ମିରେ ଲୋକସଂଖ୍ୟା ୧୩, ୧୦୦ ଜଣ ଓ ତତ୍‌କାଳୀନ ଇଛଓ ଅନୁ୍ୟାୟୀ ପ୍ରଦ୍ୟୁଷଣ ମାତ୍ରା ଥିଲା ୪୦୪।

କୃତ୍ରିମ ବର୍ଷା ପାଇଁ କାନପୁର ଆଇଆଇଟି ମୁଖ୍ୟତଃ ସିଲଭର ଆୟୋଡାଇଡ୍ ନାନୋ ପାର୍ଟିକଲସ୍, ପୋଟାସିୟମ ଆୟୋଡାଇନ୍, ଆୟେଡାଇଡ୍ ସଲ୍ଟ, ରକ ସଲ୍ଟ ଓ ଶୁଖିଲା ବରଫକୁ ଗୁଣ୍ଡ କରି ସେଥିରେ କୃତ୍ରିମ ବାଦଲ ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଥିଲା। ନିୟମାନୁଯାୟୀ ହେଲିକପ୍ଟର ଦ୍ୱାରା ଏହି ମିଶ୍ରଣକୁ ଅନ୍ୟୁନ ୫୦୦ ରୁ ୬୦୦୦ ମିଟର ଉଚ୍ଚ ଆକାଶରେ ସଞ୍ଚନ କଲାର ଚାରି ପାଞ୍ଚ ଘଣ୍ଟା ପରେ ବର୍ଷା ହୋଇଥାଏ। ଏହି କ୍ରମରେ ଗତ ୨୮ ତାରିଖ ଅକ୍ଟୋବର ଦିନ ଦୁଇଗୋଟି ହେଲିକପ୍ଟର ଦିଲ୍ଲୀରୁ ପ୍ରାୟ ୧୫୦୦ ବର୍ଗ କିମି. ପରମିତି ଅଂଚଳ ଉପରିସ୍ଥ ଆକାଶରେ ଉକ୍ତ ମିଶ୍ରଣକୁ ସିଂଚନ କରିଥିଲେ। ତେବେ ଏହା ଫଳପ୍ରଦ ହୋଇପାରିନଥିଲା। । କାନପୁର ଆଇ.ଆଇ.ଟିର ବିଶେଷଜ୍ଞ ଡକ୍ଟର ମନିନ୍ଦ୍ର ଅଗ୍ରୱାଲାଙ୍କ ମତରେ ବାୟୁମଣ୍ଡଳର ଆର୍ଦ୍ରତା ୪୦.୫୦% ନଥିଲେ, କୃତ୍ରିମ ମେଘଖଣ୍ଡ ଅଥବା ବର୍ଷା ସୃଷ୍ଟି ହୋଇପାରିବ ନାହିଁ। ସେଦିନ ଦିଲ୍ଲୀର ଆପେକ୍ଷିକ ଆର୍ଦ୍ରତା ଥିଲା କାରଣ ଦିଲ୍ଲୀରେ ଶୀତ ଅନୁଭୂତି ହେଉଥିବାରୁ ଆର୍ଦ୍ରତା ଥିଲା ୧୦ ରୁ ୧୫%। ପ୍ରତିବର୍ଗ କିଲୋମିଟରରେ କୃତ୍ରିମ ବାଦଲ ସୃଷ୍ଟି କରିବା ପାଇଁ ଉଦ୍ୟମରେ ଏକ କୋଟି ୨୮ ଲକ୍ଷ ଟଙ୍କା ସରକାର ଖର୍ଚ୍ଚ କରିଥିଲେ ବି ଫଳାଫଳ ଶୂନ୍ୟ ହୋଇଥିଲା। ପ୍ରତି ଉଦ୍ୟମ ପାଇଁ ୬୪ ଲକ୍ଷ ଟଙ୍କା ବ୍ୟୟ କରିଥିଲେ ସରକାର।

**କୃତ୍ରିମ ବର୍ଷାର ସାରକଥା:** କୃତ୍ରିମ ବର୍ଷାର ଫଳାଫଳ ସଂପର୍କରେ କାନପୁର ଆଇ.ଇ.ଟିର ବିଶେଷଜ୍ଞ ମନିନ୍ଦ ଅଗ୍ରୱାଲା ଓ ବୈଷୟିକ ବିଶେଷଜ୍ଞ ମହାନ୍ତି କହିଛନ୍ତି ଯେ କୃତ୍ରିମ ବର୍ଷା ଦିଲ୍ଲୀରେ ସୃଷ୍ଟି ହୋଇଥିବା ପ୍ରଦ୍ୟୁଷଣକି ନିଷ୍କ୍ରିୟ କରିପାରିବ ନାହିଁ, ଅବଶ୍ୟ କିଛି ଅଞ୍ଚଳ ଏଥିରୁ ସାମୟିକ ମୁକ୍ତି ପାଇଲେ ବି ପର ମୁହୂର୍ତ୍ତରେ ପୂର୍ବ ଅବସ୍ଥାରେ ହିଁ ରହିବ। କୃତିମ ବର୍ଷା କେବଳ ବନାଗ୍ନି, ମରୁଡି ଚାଷ ପାଇଁ ଜଳ ଓ ସାମୟିକ ପ୍ରଦୂଷଣରୁ ମୁକ୍ତି ପାଇଁ ଲାଭକାରୀ ଅଟେ। ଦ୍ୱିତୀୟରେ ଉଭୟେ କହିଲେ ଯେ କୃତ୍ରିମ ବର୍ଷା ସୃଷ୍ଟି କଲେ ବି ଏହାକୁ ନିୟନ୍ତ୍ରଣ କରିବା କ୍ଷମତା ମଣିଷର ନଥାଏ। ସଉଦି ଆରବ ପରି ଅବସ୍ଥା ବି ହୋଇପାରେ ନତୁବା ଭୀଷଣ ବର୍ଷା, ଅଜସ୍ର ବଜ୍ରପାତ, ଅତି ପ୍ରଳୟ ସହିତ ପ୍ରକୃତି ଅନ୍ୟ କିଛି ବିଭ୍ରାଟ ସୃଷ୍ଟି କରିପାରେ। ତୃତୀୟରେ କୃତ୍ରିମ ବର୍ଷା ବହୁ ଅର୍ଥବହୁଳ। ଚତୁର୍ଥରେ କୃତ୍ରିମ ବର୍ଷା ପାଇଁ ଯେଉଁ ରାସାୟନିକ ପଦାର୍ଥ ବ୍ୟବହାର କରାଯାଏ, ତାହାର ପ୍ରଭାବରେ ଜଳ, ସ୍ଥଳ ଓ ଆକାଶ ଏବଂ ମନୁଷ୍ୟ ପାଇଁ ବି ବିପଜ୍ଜନକ ହୋଇପାରେ। ଏହି ରାସାୟନିକ ଦ୍ରବ୍ୟ ମଧ୍ୟ ପ୍ରଦୂଷଣ ବଢାଇବାରେ ସାହାଯ୍ୟ କରିପାରେ। ଜଳସ୍ତରରେ ଅସାମନତା ବା ପରିବର୍ତ୍ତନ ଦେଖାଯାଇପାରେ ଅଥବା ନଦୀ, ପୋଖରୀ ଜଳ ବି କୃତ୍ରିମ ବର୍ଷାରେ ପ୍ରଦୂଷିତ ହେବାର ସମ୍ଭାବନା ରହିଅଛି। କୃତ୍ରିମ ମେଘ ସୃଷ୍ଟିକାରୀ ରାସାୟନିକ ଦ୍ରବ୍ୟ ସିଲଭର ଆୟୋଡାଇଡ୍ ସିଧାସଳଖ ମନୁଷ୍ୟର ଶ୍ୱାସକ୍ରିୟା, ଚର୍ମ ଆଦିକୁ ଅସୁସ୍ଥ କରିବା ସହିତ ନାନୋ ପାର୍ଟିକଲସ ଦ୍ୱାରା ସଂକାଟାପନ୍ନ ରୋଗ ବି ଆକ୍ରମଣ କରିପାରେ। ଏସବୁ ବ୍ୟତୀତ ଆକାଶରେ ମିଶ୍ରଣକୁ ସିଂଚନ କରୁଥିବା ଆକାଶଯାନ ବି ନିରାପଦ ହୋଇନପାରେ । ଏହା ପୃଥିବୀରେ ଥିବା ସନ୍ତୁଳନକୁ ନଷ୍ଟ କରି ଦେଇପାରେ ବା ଯଦି କୃତ୍ରିମ ବର୍ଷା ଦ୍ୱାରା ଗ୍ରୀନ୍ ହାଉସ୍ ପ୍ରଭାବିତ ହୁଏ, ତେବେ ଗ୍ଲୋବାଲ୍ ୱାମିଂ ସନ୍ତୁଳନରେ ଜୀବ ଓ ଉଦ୍ଭିଦ ଜଗତ ଆଉଟୁ ପାଉଟୁ ହୋଇ ମୃତ୍ୟୁବରଣ କରିପାରନ୍ତି।

ଅତଏବ କର୍ତ୍ତବ୍ୟ। କର୍ତ୍ତବ୍ୟକୁ ଭୁଲି, ସୁଖମୟ ରାଜକୀୟ ଜୀବନଯାତ୍ରା, ଅନାବଶ୍ୟକ ଆବଶ୍ୟକତା, ସାମାଜିକ ସୁରକ୍ଷା ପ୍ରତି ଦୂରଦୃଷ୍ଟି ନରଖିବା ଫଳରେ ଉଭୟେ ଦିଲ୍ଲୀ ସରକାର, କେନ୍ଦ୍ର ସରକାର ଓ ଦିଲ୍ଲୀର ଜନ ସାଧାରଣ ଯେଉଁ ମନୁଷ୍ୟକୃତ ପ୍ରଦୂଷଣ ମହାମାରୀ ସୃଷ୍ଟି କରିଛନ୍ତି, ତାହାର ସମାଧାନ କେବଳ ତାଙ୍କର ହାତରେ ଅଧିକନ୍ତୁ, ନିଜ ସୁରକ୍ଷା, ନିଜ ହାତକୁ ନେବା ବିଧେୟ ।

ଇଚ୍ଛାପୁର, କେନ୍ଦ୍ରାପଡା,
ମୋ.–୭୮୭୩୯୮୩୯୧୧

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର    ୨୨ ନଭେମ୍ବର ୨୦୨୫ ଶନିବାର    ପୃଷ୍ଠା ୫




# ଜୀବନଶୈଳୀରେ ସୁସ୍ଥତା

ଦୈନନ୍ଦିନ ଜୀବନରେ ନିଜ ସ୍ୱାସ୍ଥ୍ୟକୁ ନେଇ ଦାୟିତ୍ୱହୀନ ରହୁଥିବା ଲୋକମାନେ ସାମାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଆସିଲେ ବିଚଳିତ ହୋଇଯାଆନ୍ତି । ଏହାଠାରୁ ଭଲ ଆମେ ଏମିତି କୌଣସି ସମସ୍ୟା ଆସିବା ପୂର୍ବରୁ ଦୈନନ୍ଦିନ ଜୀବନରେ କିଛି ପରିବର୍ତ୍ତନ କରିନେବା, ଯଦ୍ୱାରା ଆମେ ଫିଟ୍ ରହିବା ।

**ପୂରା ନିଦ ଶୁଅନ୍ତୁ :**
ଆପଣ କାର୍ଯ୍ୟବ୍ୟସ୍ତ ଯୋଗୁଁ ଆବଶ୍ୟକ ପରିମାଣର ନିଦ୍ରା ପାଉନାହାନ୍ତି । ଅଧିକ ସମୟ ଶୋଇଲେ ଘର ସହ ଅଫିସ୍ କେମିତି ମ୍ୟାନେଜ୍ କରିବି ଚିନ୍ତା କରି ହୁଏତ ଆପଣ ଏହାକୁ ଅଣଦେଖା କରିପାରନ୍ତି । କିନ୍ତୁ ଦୀର୍ଘ ଦୌଡ଼ରେ ଏହା ଆପଣଙ୍କ ପାଇଁ କ୍ଷତିକାରକ ହେବ । ପୂରା ନିଦ ଶୋଇନପାରିଲେ ସାରା ଦିନ ଆପଣଙ୍କୁ ନିଦୁଆ ଲାଗିବ, ଛୋଟରୁ ଛୋଟ କାମ ମଧ୍ୟ ଆପଣ ଠିକ୍ ଭାବରେ କରିପାରିବେ ନାହିଁ । ତେଣୁ ଏହାଠାରୁ ଭଲ ଆପଣ ପ୍ରତିଦିନ ଅତିକମ୍‌ରେ ୬ରୁ ୭ ଘଣ୍ଟା ଶୁଅନ୍ତୁ । ଭଲ ନିଦ ହେବା ପାଇଁ ବେଡ୍‌ରୁମ୍‌ରେ ଟି.ଭି, କମ୍ପ୍ୟୁଟର ଓ ଅନ୍ୟ ବୈଦ୍ୟୁତିକ ଉପକରଣ ରଖନ୍ତୁ ନାହିଁ । ଶୋଇବାର ଠିକ୍ ପୂର୍ବରୁ ନଖାଇ, ଖାଇବା ଓ ଶୋଇବା ମଧ୍ୟରେ ଅତିକମ୍‌ରେ ଦୁଇ ଘଣ୍ଟାର ବ୍ୟବଧାନ ରଖନ୍ତୁ । ଚେଷ୍ଟା କରନ୍ତୁ ସବୁଦିନ ଗୋଟିଏ ସମୟରେ ଶୋଇବା ଏବଂ ଉଠିବା ପାଇଁ । ବେଡ୍‌ରୁମ୍ ଆରାମଦାୟକ ହେଲେ ନିଦ ଭଲ ହେବ ଆପଣଙ୍କୁ ।

**ଉଷୁମ ପାଣି :** ପ୍ରଥମେ ପ୍ରଥମେ ଉଷୁମ ପାଣି ପିଇବାକୁ ଖୁବ୍ ଅବାଗିଆ ଲାଗିବ । କିନ୍ତୁ ଏହା ଆପଣଙ୍କ ପାଇଁ ଲାଭଜନକ ସାବ୍ୟସ୍ତ ହେବ । ଏହା ଶରୀରକୁ ଶୋଧନ କରିବ ଏବଂ ସବୁ ଅଦରକାରୀ ଉପାଦାନ ବାହାର କରି ଦେବ ଦେହରୁ । ଉଷୁମ ପାଣି ପିଇଲେ ପାଚନ ପ୍ରଣାଳୀ ଠିକ୍ ଭାବରେ କାମ କରିବ ଏବଂ ଚେହେରାରେ ଚମକ ଆସିଯିବ ।

**ଇଣ୍ଟରନେଟ୍ ଟିକେ ଦୂରରେ ରହନ୍ତୁ :** ଏକ ଗବେଷଣାରୁ ଜଣାପଡ଼ିଛି ଇଣ୍ଟରନେଟ୍‌ରେ ସମୟ ବିତାଉଥିବା ଲୋକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ବିଶେଷ କରି ସୋସିଆଲ ନେଟୱାର୍କିଂ ସାଇଟ୍‌ରେ ଲୋକମାନେ ଅଧିକ ସମୟ କଟାଉଛନ୍ତି । ଯଦି ଆପଣ ନିଜ ସ୍ୱାସ୍ଥ୍ୟ ଠିକ୍ ରଖିବାକୁ ଚାହାନ୍ତି ତା'ହେଲେ ନିଜକୁ ପଚାରନ୍ତୁ ଗତ ସପ୍ତାହରେ ଆପଣ କେତେ ସମୟ ଇଣ୍ଟରନେଟ୍‌ରେ କଟାଇଥିଲେ । ଏଥିରେ ଆପଣଙ୍କର କ'ଣ ଲାଭ ହୋଇଥିଲା । ଭଲ ହେବ ଯଦି ଆପଣ ଇଣ୍ଟରନେଟ୍‌ରେ ନିଜ ସମୟ ନଷ୍ଟ ନକରି ଅନ୍ୟ କିଛି ହବି ରଖିବେ । ଆପଣ କିଛି ନୂଆ କାମ ଶିଖିପାରିବେ ନହେଲେ ଲୋକମାନଙ୍କ ସହ ଯୋଗାଯୋଗ କରିପାରିବେ । ବନ୍ଧୁତା ବଢ଼େଇ ପାରିବେ ।

**ନିୟମିତ ବ୍ୟାୟାମ :**
ନିଜକୁ ଫିଟ୍ ରଖିବା ପାଇଁ ସବୁଦିନ ଜିମ୍ ଯାଇ ୱେଟ୍ ଉଠାଇବା ଜରୁରୀ ନୁହେଁ । ଆପଣ ଘର ପାଖରେ ଥିବା ପାର୍କକୁ ଯାଇ କିମ୍ବା ରାସ୍ତାରେ ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିପାରିବେ । ଏହା ଆପଣଙ୍କୁ ଫିଟ୍ ରଖିବ । ଏହା ବ୍ୟତୀତ ଆପଣ ଘରେ ଦିନେ ଛଡ଼ା ଦିନେ ବ୍ୟାୟାମ କରିପାରିବେ । ଏଥିସହ ଯୋଗ ଓ ଧ୍ୟାନ କରିବା ଖୁବ୍ ଲାଭଜନକ । ଏହା ବ୍ୟତୀତ ୱାକିଂ, ସାଇକେଲିଙ୍ଗ, ସ୍ୱିମିଙ୍ଗ ଏବଂ ଡ୍ୟାନ୍ସିଂ ଦ୍ୱାରା ମଧ୍ୟ ଅନେକ ପରିମାଣରେ ନିଜକୁ ଫିଟ୍ ରଖାଯାଇ ପାରିବ ।

**ସିଗାରେଟ୍ ଠାରୁ ଦୂରତା :**
ଯଦି ଆପଣଙ୍କର ଧୂମପାନ କରିବାର କୁଅଭ୍ୟାସ ଅଛି ତା'ହେଲେ ତାକୁ ଛାଡ଼ିବାକୁ ଚେଷ୍ଟା କରନ୍ତୁ । ଏହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ସବୁଠାରୁ କ୍ଷତିକାରକ ହେବ । ଆପଣ ବି ଜାଣିଥିବେ ଧୂମପାନ ଆପଣଙ୍କ ଶରୀରର ଏବଂ ଆପଣଙ୍କ ପରିବାରର କ୍ଷତି କରୁଛି । ତେଣୁ ଯେତେଶୀଘ୍ର ସମ୍ଭବ ଏ ଅଭ୍ୟାସରୁ ନିଜକୁ ମୁକ୍ତ କରନ୍ତୁ ।

**ଠିକ୍ ଖାଆନ୍ତୁ :** ଫିଟ୍‌ନେସ୍ ପାଇଁ ଓଜନ କମାଇବାକୁ ଚାହୁଁଥିଲେ ଏକଦମ୍ ଖାଇବା ପିଇବା ଛାଡ଼ିଦିଅନ୍ତୁ ନାହିଁ, ବରଂ ଡାକ୍ତରଙ୍କ ପରାମର୍ଶରେ ଯୋଜନା କରନ୍ତୁ କ'ଣ ଖାଇବେ କେତେବେଳେ । ଚେଷ୍ଟା କରନ୍ତୁ ଏପରି ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ପାଇଁ ଯାହା ଆପଣଙ୍କ ଓଜନ ବଢ଼ାଇବ ନାହିଁ । ଆପଣ ଅଧିକ ଥର ଖାଆନ୍ତୁ କିନ୍ତୁ ପ୍ରତ୍ୟେକ ଥର ଏହାର ପରିମାଣ କମ୍ ରଖନ୍ତୁ । ଖାଦ୍ୟରେ ଅଧିକ ପନିପରିବା ଏବଂ ଫଳ ସାମିଲ କରନ୍ତୁ ।

**ମସ୍ତିଷ୍କକୁ ସକ୍ରିୟ ରଖନ୍ତୁ :**
ଫିଟ୍‌ନେସ୍ ପାଇଁ ଶରୀର ସହ ମସ୍ତିଷ୍କର ସତେଜତା ମଧ୍ୟ ଜରୁରୀ । ତେଣୁ ଏକୁଟିଆ ବସିଥିଲେ କିଛି ମେଣ୍ଟାଲ୍ ଗେମ୍ ଖେଳନ୍ତୁ, କ୍ରସୱାର୍ଡ ପଜଲ ସବୁଠୁ ଭଲ । ମସ୍ତିଷ୍କକୁ ସକ୍ରିୟ କରିବା ପାଇଁ ଜିଗ୍ ଶ' ପଜଲ ଏକ ଭଲ ମାଧ୍ୟମ ।

ଚା' ପିଇବା ଅଭ୍ୟାସ ଥିଲେ ଗ୍ରୀନ୍ କିମ୍ବା ହର୍ବାଲ ଟି ବ୍ୟବହାର କରନ୍ତୁ । ଯେତେଦୂର ସମ୍ଭବ ଟି' ବ୍ୟାଗ୍‌କୁ ଏଡ଼ାନ୍ତୁ । କାରଣ ଟି' ବ୍ୟାଗ୍‌ର ପ୍ରସ୍ତୁତି ସମୟରେ ଏପିକ୍ଲୋରୋହାଇଡ୍ରିନ୍ ବ୍ୟବହାର କରାଯାଏ । ଏହି ରାସାୟନିକ କୀଟନାଶକ କିମ୍ବା ପ୍ଲାଷ୍ଟିକ୍‌ର ପ୍ରସ୍ତୁତିରେ ବ୍ୟବହୃତ ହୁଏ। ଧଳା ଦେଖାଯିବା ପାଇଁ ଟି' ବ୍ୟାଗ୍‌ଗୁଡ଼ିକୁ ବ୍ଲିଚ୍ କରାଯାଏ । ସିଲ୍ କରିବା ପାଇଁ ମଧ୍ୟ କେମିକାଲ ବ୍ୟବହାର କରାଯାଏ । ଏସବୁ କେମିକାଲ ଆମ ଶରୀରରେ ପ୍ରବେଶ କରି ଆମର ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଦିଏ ।

# ଟମାଟୋ ଖାଆନ୍ତୁ : ହୃଦୟ ସୁସ୍ଥ ରଖନ୍ତୁ



**ଲଣ୍ଡନ:** ଲାଲ୍ ଟହଟହ ଟମାଟୋର ଚେହେରା ଖୁବ୍ ଲୋଭନୀୟ । ପୁରୁଣାକାଳିଆ ଲୋକେ କହନ୍ତି- ପ୍ରତିଦିନ ଟମାଟୋ ଖାଇଲେ ଚେହେରା ଟମାଟୋ ଭଳି ଚକ୍ ଚକ୍ କରିବ । ସତେଜ ଦିଶିବ । ଏବେ ବିଜ୍ଞାନୀମାନେ ମଧ୍ୟ ଠିକ୍ ସେଇ ଏକାକଥା କହିଲେଣି । ଟମାଟୋରେ ଭର୍ତ୍ତିହୋଇ ରହିଛି ଅନେକ ରୋଗ ଉପଶମକାରୀ ଦ୍ରବ୍ୟଗୁଣ ।

ଜଣେ ଭାରତୀୟ ବିଜ୍ଞାନୀ ମତ ଦିଅନ୍ତି- ଟମାଟୋ ମଞ୍ଜିରୁ ତିଆରି ଔଷଧ ଧମନୀରେ ଜମାଟ ବାନ୍ଧୁଥିବା ଚର୍ବିକୁ ରୋକିଥାଏ । ଫଳରେ ହୃଦ୍‌ଘାତର ଆଶଙ୍କା ଅନେକାଂଶରେ କମିଯାଇଥାଏ। ରକ୍ତବାହୀ ଧମନୀରେ ରକ୍ତ ଜମାଟ ବାନ୍ଧିବା ଫଳରେ ରକ୍ତର ସ୍ୱାଭାବିକ ଗତିରେ ମନ୍ଥରତା ଆସିଥାଏ, ଫଳରେ ହୃଦ୍ ସମସ୍ୟା ସୃଷ୍ଟି ହୁଏ । ଏସବୁ ସମସ୍ୟା ପାଇଁ ଆସ୍ପିରିନ୍ ନାମକ ଏକ ଔଷଧ ରୋଗୀକୁ ଡାକ୍ତରମାନେ ଦେଇଥାନ୍ତି କିନ୍ତୁ ଟମାଟୋ ଏ ଦିଗରେ ଅଧିକ ଫଳପ୍ରଦ ହୋଇଥାଏ ।





ରକ୍ତକୁ ପତଳା କରିବା ପାଇଁ ଆମ ଦେଶରେ ଲକ୍ଷ ଲକ୍ଷ ରୋଗୀ ଆସ୍ପିରିନ୍ ବ୍ୟବହାର କରିଥାନ୍ତି । ଆସ୍ପିରିନ୍ ସେବନ ଫଳରେ ଆଭ୍ୟନ୍ତରୀଣ ରକ୍ତସ୍ରାବର ସମ୍ଭାବନା ବେଳେବେଳେ ଦେଖା ଦେଇଥାଏ । ନିକଟରେ ଏକ ଗବେଷଣାରୁ ଜଣାଯାଇଛି, ଟମାଟୋ ମଞ୍ଜିର ରସ ଅନ୍ତଃରକ୍ତସ୍ରାବକୁ ରୋକିବାରେ ସହାୟକ ହୋଇଥାଏ । ଯେଉଁଠି ଟମାଟୋ ରସ ମାତ୍ର ୧୮ ଘଣ୍ଟା ମଧ୍ୟରେ ତା'ର ପ୍ରଭାବ ଦେଖାଇଥାଏ ସେ ସ୍ଥାନରେ ଆସ୍ପିରିନ୍ ୧୦ ଘଣ୍ଟା ନେଇଥାଏ ଶରୀର ଉପରେ ଔଷଧର ପ୍ରଭାବ ବିସ୍ତାର କରିବାକୁ ।

ଟମାଟୋ ଏବଂ ଆସ୍ପିରିନ୍ ଉଭୟେ 'ପ୍ଲେଟଲେଟ୍ସ' କୁ ନିୟନ୍ତ୍ରିତ କରିଥାଏ । ରକ୍ତ ଜମାଟ ବାନ୍ଧିବାରେ ପ୍ଲେଟଲେଟ୍ସ ହିଁ ମୁଖ୍ୟତ ଦାୟୀ ବୋଲି ସ୍ୱାସ୍ଥ୍ୟ ବିଜ୍ଞାନୀମାନେ ମତ ଦିଅନ୍ତି । ଧୂମପାନ ଏବଂ କଲୋଷ୍ଟ୍ରାଲ ସ୍ତରରେ ଅସନ୍ତୁଳନ ପାଇଁ ପ୍ଲେଟଲେଟ୍ସ ଆକାରରେ ପରିବର୍ତ୍ତିତ ଘଟିଥାଏ, ଫଳରେ ରକ୍ତ ଜମାଟ ବାନ୍ଧିବାର ସମ୍ଭାବନା ଦେଖାଦିଏ । ଟମାଟୋ ରସ ଏ ସମସ୍ୟାକୁ ସୁଧାରିବାରେ ସହାୟକ ହୋଇଥାଏ ।

# ଫଳରେ ଚମକିବ ଚେହେରା



**ଲଣ୍ଡନ :** ଚେହେରାର ଚମକ୍ ଓ ସୌନ୍ଦର୍ଯ୍ୟ ପାଇଁ କ୍ରୀମ୍ ଓ ଲୋସନକୁ ଛାଡନ୍ତୁ, ଫଳ ଓ ପନିପରିବା ଆପଣାନ୍ତୁ । ଅନ୍ତର୍ଜାତୀୟ ସୌନ୍ଦର୍ଯ୍ୟ ବିଶେଷଜ୍ଞମାନଙ୍କର ମତ-ଚେହେରାର ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ଫଳ ଓ ପନିପରିବା ଯୁକ୍ତ ଖାଦ୍ୟ ହିଁ ସର୍ବୋତ୍ତମ । ଉକ୍ତ ଗବେଷଣା ଅନୁଯାୟୀ ଯେଉଁମାନେ ଦିନରେ ୫ ଥର ଫଳ ଓ ପନିପରିବା ଖାଆନ୍ତି ସେମାନଙ୍କ ଚେହେରାରେ ଚମକ୍ ତ ଆସେ ଏଥିସହ ରଙ୍ଗ ମଧ୍ୟ ସଫା ହୋଇଥାଏ । ତେଣୁ ଯଦି ଆପଣ ଗୋରା ହେବାକୁ ଚାହୁଁଛନ୍ତି ଏବଂ ନିଜ ତ୍ୱଚାକୁ ଶିଶୁ ସୁଲଭ କୋମଳ ରଖିବାକୁ ଚାହୁଁଛନ୍ତି ତେବେ କ୍ରୀମ୍ ପାଉଡ଼ର ଛାଡ଼ି ଫଳ ଓ ପନିପରିବାକୁ ଆପଣାନ୍ତୁ । ଏହି ଗବେଷଣା ଦଳର ନେତୃତ୍ୱ ଦେଇଥିବା ସେଣ୍ଟ ଆଣ୍ଡ୍ରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡେଭିଡ୍ ପେରେଟ୍‌ଙ୍କ ଅନୁଯାୟୀ ସୁସ୍ଥ ରହିବା ପାଇଁ ଆପଣ କେତେ ଖାଉଛନ୍ତି ତାହା ଜରୁରୀ ନୁହେଁ ବରଂ ଆପଣ କ'ଣ ଖାଉଛନ୍ତି ତାହା ଜରୁରୀ ।


# ମେକଅପ୍ କମ୍ ନିଅନ୍ତୁ



ଆପଣ ସୁନ୍ଦରୀ ଦେଖାଯିବାକୁ ଚାହାନ୍ତି, ଏଥିପାଇଁ ମେକଅପ୍ ନିଅନ୍ତି । କିନ୍ତୁ ସାବଧାନ ! ଏହା ଆପଣଙ୍କୁ ସ୍ୱାମୀ ବା ପ୍ରେମିକ ଠାରୁ ଦୂରେଇ ନେଇପାରେ । କାରଣ ପୁରୁଷମାନେ ହାଲ୍‌କା ମେକଅପ୍ ନେଉଥିବା କିମ୍ବା ବିନା ମେକ୍‌ଅପ୍‌ରେ ଥିବା ମହିଳାମାନଙ୍କୁ ବେଶୀ ପସନ୍ଦ କରନ୍ତି । ବ୍ରିଟେନ୍‌ରେ ଏକ ତ୍ୱଚା କ୍ଲିନିକ୍ ପକ୍ଷରୁ କରାଯାଇଥିବା ଏକ ସର୍ବେକ୍ଷଣରୁ ଏହା ଜଣାପଡ଼ିଛି । ଏହି ଅନୁଯାୟୀ ପ୍ରତି ୫ଜଣରେ ଜଣେ ପୁରୁଷଙ୍କ ମତ ହାଲ୍‌କା ମେକଅପ୍‌ରେ ମହିଳାମାନେ ସୁନ୍ଦରୀ ଲାଗନ୍ତି । ପ୍ରତି ଦଶ ଜଣରେ ଜଣେ କୁହନ୍ତି ବିନା ମେକଅପ୍‌ରେ ଥିବା ମହିଳାଙ୍କୁ ପସନ୍ଦ କରନ୍ତି ସେମାନେ । ପ୍ରକୃତି ପ୍ରଦତ୍ତ ସୌନ୍ଦର୍ଯ୍ୟରେ ମହିଳାମାନେ ଅଧିକ ଆକର୍ଷଣୀୟ ଲାଗନ୍ତି । ଅଧିକାଂଶ ପୁରୁଷ ମତ ଦେଇଥିଲେ ଯେ ଅଧିକ ମେକଅପ୍ ନେଇଥିବା ମହିଳାମାନଙ୍କୁ ଦେଖିଲେ ମନରେ ବିରକ୍ତି ଆସେ । ଅପରପକ୍ଷେ ଖୁବ୍ କମ୍ ମେକଅପ୍ ନେଉଥିବା କିମ୍ବା ବିନା ମେକପ୍‌ରେ ଥିବା ମହିଳାଙ୍କ ପ୍ରତି ସେମାନେ ଆକର୍ଷିତ ହୁଅନ୍ତି । ସର୍ବେକ୍ଷଣରେ କୁହାଯାଇଛି ଯେ ପୁରୁଷମାନଙ୍କୁ ନକଲି ଆଖିପତା, ଗାଢ଼ ଲିପଷ୍ଟିକ୍ ଓ ଭ୍ରୁଲତା, ମୋଟା ଆଇଲାଇନର୍ ଆଦି ପସନ୍ଦ ନୁହେଁ । ଅନେକ ପୁରୁଷ ମେକଅପ୍‌କୁ ପ୍ରେମିକା ଓ ତାଙ୍କ ମଧ୍ୟରେ ପ୍ରତିବନ୍ଧକ ମାନନ୍ତି । ତେବେ ମହିଳାମାନଙ୍କ ମତ ସେମାନେ ତ୍ୱଚାର ତ୍ରୁଟି ଲୁଚାଇବା ପାଇଁ ଓ ମନରେ ଆତ୍ମବିଶ୍ୱାସ ଆଣିବା ପାଇଁ ମେକଅପ୍ ନିଅନ୍ତି ।

# କ'ଣ ଖାଇବେ ଜାଣନ୍ତୁ

ଖାଇବା ପିଇବା ମାମଲାରେ ଆମ ସମସ୍ତଙ୍କ ଦ୍ୱାରା କିଛି କିଛି ଭୁଲ୍ ହୁଏ । ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଯାଏ । ଆମେ ଛୋଟ ଛୋଟ ବିଷୟରେ ଯତ୍ନବାନ ହେଲେ ଏସବୁ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା ପାଇପାରିବା । ସ୍ୱାସ୍ଥ୍ୟକର ଜୀବନଶୈଳୀ ପାଇଁ ଆପଣ ଅନେକ ବିଷୟ ପ୍ରତି ଧ୍ୟାନ ଦିଅନ୍ତି । ଆପଣ ଖାଇବା ପିଇବା ଉପରେ ଲଗାମ ଲଗାନ୍ତି । ଏଥିସହ ବ୍ୟାୟାମ ମଧ୍ୟ କରନ୍ତି । ଏତେ ସାବଧାନତା ସତ୍ତ୍ୱେ ଛୋଟ ଛୋଟ କଥା ଆପଣଙ୍କ ନଜରରୁ ଖସିଯାଏ । ପରେ ଏହା ନକରାତ୍ମକ ପ୍ରଭାବ ପକାଏ । ସତ କହିବାକୁ ଗଲେ ଆମ ଖାଦ୍ୟରେ ଏତେ ପ୍ରକାର କେମିକାଲ ଥାଏ ଯେ ନଚାହିଁଲେ ମଧ୍ୟ ଏସବୁ ଭୁଲ୍ ହୋଇଯାଏ । ଏହାର ଏକମାତ୍ର ସମାଧାନ, ଖାଦ୍ୟ ସମ୍ପର୍କରେ ଆପଣଙ୍କର ସବିଶେଷ ଜ୍ଞାନ । ଆସନ୍ତୁ ଜାଣିବା ଏମିତି କିଛି ଛୋଟ ଛୋଟ କଥା ।



**ଟି ବ୍ୟାଗ୍ ଏଡ଼ାନ୍ତୁ :** ଯଦି ଆପଣଙ୍କର ଚା' ପିଇବା ଅଭ୍ୟାସ ଅଛି, ତା'ହେଲେ ଗ୍ରୀନ୍ କିମ୍ବା ହର୍ବାଲ ଟି ବ୍ୟବହାର କରନ୍ତୁ । ଯେତେଦୂର ସମ୍ଭବ ଟି ବ୍ୟାଗ୍ ବ୍ୟବହାର କରନ୍ତୁ ନାହିଁ । କାରଣ ଟି ବ୍ୟାଗ୍‌ର ପ୍ରସ୍ତୁତି ସମୟରେ ଏପିକ୍ଲୋରୋହାଇଡ୍ରିନ୍ ବ୍ୟବହାର କରାଯାଏ । ଏହି ରାସାୟନିକର ବ୍ୟବହାର କୀଟନାଶକ କିମ୍ବା ପ୍ଲାଷ୍ଟିକ୍‌ର ପ୍ରସ୍ତୁତିରେ କରାଯାଏ । କେବଳ ଏତିକି ନୁହେଁ, ଧଳା ଦେଖାଯିବା ପାଇଁ ଟି ବ୍ୟାଗ୍‌ଗୁଡ଼ିକୁ ବ୍ଲିଚ୍ କରାଯାଏ । ଏହାର କଡ଼ ବନ୍ଦ କରିବା ପାଇଁ କେମିକାଲ ବ୍ୟବହାର କରାଯାଏ । ଫଳରେ ଏସବୁ କେମିକାଲ ଆମ ଶରୀରରେ ପ୍ରବେଶ କରେ ଏବଂ ଜମାହୋଇ ରୁହେ । ଏହା ଆମର ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଦିଏ । ଏଥିପାଇଁ ଆପଣ ସବୁବେଳେ ପ୍ରାକୃତିକ ଚା'ପତ୍ର ବ୍ୟବହାର କରନ୍ତୁ ।

**ଲୁଣ କେମିତି ବ୍ୟବହାର କରିବେ :** ଆମେ ଯେଉଁ ସାଧାରଣ ଟେବୁଲ୍ ସଲ୍ଟ କିଣୁ ତାହାକୁ ବ୍ଲିଚ୍ କରି ସେଥିରୁ ସବୁ ମିନେରାଲ କାଢ଼ି ଦିଆଯାଇଥାଏ । ଏହି ରିଫାଇନ ଏବଂ ଆୟୋଡାଇଜ୍ଡ ସଲ୍ଟରେ ଆଲୁମିନିୟମ ସିଲିକେଟ୍ ଥାଏ । ଏହା ଲୁଣକୁ ବିନା ବାଧାରେ ଖସିବାକୁ ଦିଏ । ଏହା ବ୍ୟତୀତ ଏହି ଲୁଣରେ ଡେକ୍ସଟ୍ରୋଜ୍, ବ୍ଲିଚିଂ ଉପାଦାନ ଏବଂ ନାନା ପ୍ରକାର ରାସାୟନିକ ଉପାଦାନ ଥାଏ । ଏଗୁଡ଼ିକ ଆମ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ । ଆମ ଶରୀର ପାଇଁ ଲୁଣ ଖୁବ୍ ଜରୁରୀ । ହେଲେ ଏହାର ମାନ ଭଲ ହେବା ଆବଶ୍ୟକ । ତେଣୁ ରିଫାଇନ୍ ହୋଇନଥିବା ରକ୍ ସଲ୍ଟ ବା ସୈନ୍ଧବ ଲୁଣ ବ୍ୟବହାର କରନ୍ତୁ । ଏଥିରେ ୮୪ ରୁ ୯୨ ପ୍ରକାର ପର୍ଯ୍ୟନ୍ତ ଖଣିଜ ଲବଣ ଥାଏ ଏବଂ ଏହି ଲୁଣରେ ମିନେରାଲ୍‌ଗୁଡ଼ିକ ଏପରି ଅନୁପାତରେ ଥାଆନ୍ତି, ଯେଉଁ ଅନୁପାତ ଶରୀର ପାଇଁ ଉପଯୋଗୀ । ଏହି ଲୁଣରେ କ୍ୟାଲସିୟମ ଏବଂ ମ୍ୟାଗ୍ନେସିୟମ ମଧ୍ୟ ଥାଏ ।

**କେବେ ପାଣି ପିଇବେ :** ନାଚୁରୋପାଥି ଅନୁଯାୟୀ ବିଶ୍ୱାସ କରାଯାଏ, ରନ୍ଧାଖାଦ୍ୟ ଖାଇବାର ଅଧଘଣ୍ଟା ପୂର୍ବରୁ ଏବଂ ଏକଘଣ୍ଟା ପର ପର୍ଯ୍ୟନ୍ତ ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ । ଯଦି ଆପଣ ଖାଇବା ପୂର୍ବରୁ ପାଣି ପିଉଛନ୍ତି, ତା'ହେଲେ ଏହା ଆପଣଙ୍କ ପାଚନ ପ୍ରଣାଳୀ ମଧ୍ୟରେ ରହିଯିବ । ଫଳରେ ଖାଦ୍ୟ ହଜମ ହେବା ପାଇଁ ଯେଉଁ ଏନ୍‌ଜାଇମ୍ ନିର୍ଗତ ହୁଏ, ତାହା ଠିକ୍ ଭାବରେ କାର୍ଯ୍ୟ କରିପାରିବ ନାହିଁ । ଠିକ୍ ସେମିତି ଆପଣ ଖାଉଥିବା ଖାଦ୍ୟ ହଜମ ହେବାକୁ ୪୦ ମିନିଟ୍‌ରୁ ୧ ଘଣ୍ଟା ପର୍ଯ୍ୟନ୍ତ ସମୟ ଆବଶ୍ୟକ ହୁଏ । କିନ୍ତୁ ଆପଣ ଖାଇବା ପରେ ତୁରନ୍ତ ପାଣି ପିଇଦେଲେ ଖାଦ୍ୟ ହଜମ ପ୍ରକ୍ରିୟା ବିଳମ୍ବିତ ହୋଇଯାଏ । ତେଣୁ ଆପଣ ଖାଦ୍ୟକୁ ଭଲ ଭାବରେ ଚୋବାଇ ଖାଆନ୍ତୁ । ଆମ ଶରୀର ଲାଳ ମାଧ୍ୟମରେ ଯେଉଁ ଏନ୍‌ଜାଇମ୍ ସୃଷ୍ଟି କରେ, ତାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରେ । ଯଦି ଆପଣ ଛଣାଛଣି ଖାଦ୍ୟ ଅଧିକ ଖାଇଛନ୍ତି, ତା'ହେଲେ ସାଦା ପାଣି ବଦଳରେ ଲେମ୍ବୁପାଣି ପିଅନ୍ତୁ ।





**ଖାଦ୍ୟ ଉପରର ଲେବୁଲ୍ :** ଯଦି ଆପଣ ପ୍ୟାକିଂ ହୋଇଥିବା ଖାଦ୍ୟର ଲେବୁଲ୍‌ରେ ଥିବା କୌଣସି ଶବ୍ଦ ସହ ପରିଚିତ ନୁହଁନ୍ତି, ତା'ହେଲେ ସେଗୁଡ଼ିକୁ କିଣନ୍ତୁ ନାହିଁ । ପ୍ରଥମେ ଏକ୍ସପାରି ଡେଟ୍ ଦେଖନ୍ତୁ । ୨ରୁ ୩ ବର୍ଷ ପର୍ଯ୍ୟନ୍ତ ଠିକ୍ ବୋଲି ଲେଖାଥିବା ଖାଦ୍ୟ କିଣନ୍ତୁ ନାହିଁ । କାରଣ ଏଥିରେ ଅଧିକ ପରିମାଣରେ କେମିକାଲ ପ୍ରିଜରଭେଟିଭ୍ ମିଶାଯାଇଥାଏ । ସେମିତି ତେଲ କିଣିବା ବେଳେ ଏଥିରେ ଥିବା ରାସାୟନିକ ସମ୍ପର୍କରେ ଜାଣନ୍ତୁ । ମନେରଖନ୍ତୁ ନାଇଟ୍ରେଟ୍ସ, ନାଇଟ୍ରାଇଟ୍ସ, ସଲଫର୍ ଡାଇଅକ୍ସାଇଡ୍, ସୋଡିୟମ୍ ବେଞ୍ଜୋଏଟ୍, ବିଏଚ୍‌ଟି, ବିଏଚ୍‌ଏ, ଆଜିନୋମୋଟୋ ଏବଂ ରିଫାଇନ୍ ଫ୍ଲୋର୍ କିଣନ୍ତୁ ନାହିଁ । ସେମିତି ଚିନିର ବିକଳ୍ପ ଥିବା ସାମଗ୍ରୀ ମଧ୍ୟ କିଣନ୍ତୁ ନାହିଁ ।

**କେମିତି କିଣିବେ ତେଲ**
ଏମିତି ତେଲ କିଣନ୍ତୁ ନାହିଁ, ଯାହା ସହ ବଡ଼ ବଡ଼ ପ୍ରତିଶ୍ରୁତି ଅଛି । ତେଲକୁ ରିଫାଇନ୍ କଲାବେଳେ ଏଥିରେ ସଲ୍ଟ, ଏସିଡ୍, ଆଲ୍‌କାଲି, କ୍ଲେ, ପ୍ରେସରାଇଜ୍ଡ ହାଇଡ୍ରୋଜେନ୍ ଏବଂ କାଟାଲିଷ୍ଟ ମେଟାଲ ବ୍ୟବହାର କରାଯାଏ । ଏହାପରେ ତେଲର ପ୍ରକ୍ରିୟାକରଣ ସମୟରେ ଏଥିରୁ ଭିଟାମିନ୍, ମିନେରାଲ୍ ଏବଂ ଏନ୍‌ଜାଇମ୍ ମଧ୍ୟ ନଷ୍ଟ ହୋଇଯାଏ । ତେଣୁ ରିଫାଇନ୍ ହୋଇନଥିବା ରାଶି ତେଲ କିମ୍ବା ସୋରିଷ ତେଲ ସବୁଠାରୁ ଭଲ ।

**ପ୍ଲାଷ୍ଟିକ୍‌କୁ ଦୂରାନ୍ତୁ :** ମାଇକ୍ରୋୱେଭ୍‌ରେ କେବେ ବି ପ୍ଲାଷ୍ଟିକ୍ ପାତ୍ର ବ୍ୟବହାର କରନ୍ତୁ ନାହିଁ । ପ୍ଲାଷ୍ଟିକ୍ ପାଣିବୋତଲ ଠାରୁ ମଧ୍ୟ ଦୂରେଇ ରୁହନ୍ତୁ । ପ୍ରକୃତରେ ପ୍ଲାଷ୍ଟିକ୍‌ରେ ଡାଇଅକ୍ସିନ୍ ନାମକ ଏକ ରାସାୟନିକ ଥାଏ ଯାହା ଆମର ଶରୀର କୋଷ ପାଇଁ ଖୁବ୍ ବିଷାକ୍ତ । ଏଥିରେ କ୍ୟାନ୍ସର ସୃଷ୍ଟି ହେବାର ଆଶଙ୍କା ମଧ୍ୟ ଥାଏ । ଯେତେବେଳେ ଆମେ ପ୍ଲାଷ୍ଟିକ୍ ପାଣିବୋତଲକୁ ଫ୍ରିଜ୍‌ରେ ରଖୁ, ସେତେବେଳେ ଏଥିରେ ଥିବା ଡାଇଅକ୍ସିନ୍ ପାଣିରେ ମିଶେ । ସେମିତି ମାଇକ୍ରୋୱେଭ୍‌ରେ ପ୍ଲାଷ୍ଟିକ୍ ପାତ୍ର ବ୍ୟବହାର କଲେ ଫ୍ୟାଟ୍ ଏବଂ ତାପ ଯୋଗୁଁ ଏଥିରୁ ଡାଇଅକ୍ସିନ୍ ନିର୍ଗତ ହୁଏ । ତେଣୁ ଖାଦ୍ୟ ଗରମ କରିବା ପାଇଁ ସାଧାରଣ ଘରୋଇ ଲୁହା ବାସନ ବ୍ୟବହାର କରନ୍ତୁ ଏବଂ ଫ୍ରିଜ୍‌ରେ ପାଣି ରଖିବା ପାଇଁ କାଚ ବୋତଲ ବ୍ୟବହାର କରନ୍ତୁ ।

